सत्यमेव जयते

ଓଡ଼ିଶା ବିଧାନସଭାରେ

## ରାଜ୍ୟପାଳ

# ଶ୍ରୀ ରାମେଶ୍ୱର ଠାକୁରଙ୍କ

## ଅଭିଭାଷଣ

ଫେବୃଆରୀ ୨୮, ୨୦୦୫

**ବାଚସ୍ପତି ମହୋଦୟ ଓ ମାନ୍ୟବର ସଦସ୍ୟବୃନ୍ଦ,**

ତ୍ରୟୋଦଶ ବିଧାନସଭାର ଚତୁର୍ଥ ଅଧିବେଶନକୁ ଆପଣମାନଙ୍କୁ ସ୍ୱାଗତ ଜଣାଇ ମୁଁ ଅତ୍ୟନ୍ତ ଆନନ୍ଦିତ । ଆପଣମାନଙ୍କ ଜରିଆରେ ମୁଁ ରାଜ୍ୟବାସୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

**୧.** ୨୦୦୪ ମସିହା ଡିସେମ୍ବର ୨୬ ତାରିଖ ପ୍ରାତଃକାଳରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ଦେଶର ଦକ୍ଷିଣ ଉପକୂଳବର୍ତ୍ତୀ ଅଞ୍ଚଳ ତଥା ଏସିଆ ମହାଦେଶର ଅନ୍ୟାନ୍ୟ ଦେଶଗୁଡ଼ିକରେ ସୁନାମୀ ଦ୍ୱାରା ହୋଇଥିବା ବ୍ୟାପକ କ୍ଷୟକ୍ଷତି ଯୋଗୁଁ ଆମେ ଗଭୀର ମର୍ମାହତ । ହଜାର ହଜାର ଲୋକ ଏହା ଦ୍ୱାରା ମୃତ୍ୟୁବରଣ କଲେ, ଶହ ଶହ ପିଲାମାନେ ସେମାନଙ୍କ ପିତାମାତାଙ୍କୁ ହରାଇଲେ ଏବଂ ହଜାର ହଜାର ଲୋକ ସେମାନଙ୍କ ଗୃହ ଓ ଜୀବିକା ହରାଇଲେ । ଏ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ଭୟାବହତା କେତେ, ଓଡ଼ିଶାରେ ଘଟିଯାଇଥିବା ମହାବାତ୍ୟାର ସଦ୍ୟତମ ଅନୁଭୂତି ଆମକୁ ମଧ୍ୟ ଏ ସଂପର୍କରେ ଚେତେଇ ଦେଇଛି । ବିପର୍ଯ୍ୟୟରେ ମୃତ୍ୟୁବରଣ କରିଥିବା ଅଗଣିତ ଜନସାଧାରଣଙ୍କ ପାଇଁ ଗୃହ ଗଭୀର ଶୋକ ପ୍ରକାଶ କରିଛି । ସୁନାମୀ ବିପର୍ଯ୍ୟୟରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟିଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ମୋ ସରକାର ୨.୫ କୋଟି ଟଙ୍କା ଆର୍ଥିକ ସହାୟତା ଓ ୧୯୧.୮୫ ମେଟ୍ରିକ୍ ଟନ୍ ରିଲିଫ୍ ସାମଗ୍ରୀ ଯୋଗାଇ ଦେଇଛନ୍ତି । ବିଭିନ୍ନ ରାଜ୍ୟରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରମାନଙ୍କ ସାହାଯ୍ୟାର୍ଥେ ସରକାରୀ କର୍ମଚାରୀ, ବେସରକାରୀ ଅନୁଷ୍ଠାନ ଏବଂ ଜନସାଧାରଣ ସହାନୁଭୂତି ଓ ସହଯୋଗର ନିଦର୍ଶନ ସ୍ୱରୂପ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ ଜାରି ରଖିଛନ୍ତି । ବିପର୍ଯ୍ୟୟରେ ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିବା ସାମାଜିକ ଭିତ୍ତିଭୂମିର ପୁନର୍ଗଠନ ଓ କ୍ଷତିଗ୍ରସ୍ତ ପରିବାରଗୁଡ଼ିକର ଥଇଥାନ ନିମନ୍ତେ ମୋ ସରକାର ଏହି ଅର୍ଥକୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ପ୍ରଶାସନକୁ ପଠାଇ ଦେଉଛନ୍ତି । ଜାତିର ଏହି ପୁନଃଥଇଥାନ ଓ ପୁନର୍ନିର୍ମାଣ ପ୍ରୟାସରେ ଆସନ୍ତୁ, ଆମେ ସମସ୍ତେ ପୂର୍ଣ୍ଣ ସହଯୋଗ କରିବା ।

୩. ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ, ପୂର୍ବତନ ମନ୍ତ୍ରୀ ଲକ୍ଷ୍ମୀ ପ୍ରସାଦ ମିଶ୍ର, ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ଉଷାରାଣୀ ପଣ୍ଡା ଏବଂ ପୂର୍ବତନ ବିଧାୟକ ଭାଇଗ ସେଠୀ, ରଣଜିତ୍ କୁମାର ପ୍ରଧାନ, ଗଣନାଥ ପ୍ରଧାନ, ଚିତ୍ତରଞ୍ଜନ କର, ଚୈତନ୍ୟ ପ୍ରଧାନ, ରାଜକିଶୋର ସାମନ୍ତରାୟ ଓ ଅନନ୍ତ ଚରଣ ତ୍ରିପାଠୀଙ୍କ ଦୁଃଖଦ ବିୟୋଗରେ ଗୃହ ଗଭୀର ଶୋକ ପ୍ରକାଶ କରିସାରିଛି । ଆଜି ଆମ ଗହଣରେ ନଥିବା ଆସୀନ ସଦସ୍ୟ ତଥା ସରକାରୀ ଉପମୁଖ୍ୟ ସଚେତକ ଶଙ୍କର୍ଷଣ ନାୟକ ଏବଂ ପୂର୍ବତନ ସଦସ୍ୟ ଶ୍ରୀବସ୍ତ ନାୟକଙ୍କ ବିୟୋଗରେ ମୋ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି । ସେମାନଙ୍କ ଶୋକାକୁଳ ପରିବାରବର୍ଗଙ୍କୁ ଗୃହ ଗଭୀର ସମବେଦନା ଜ୍ଞାପନ କରୁଛି ଏବଂ ସେମାନଙ୍କର ନିଃସ୍ୱାର୍ଥପର ସେବା ନିମନ୍ତେ ଗୃହ ସବୁଦିନ ପାଇଁ ସେମାନଙ୍କୁ ମନେ ରଖିବ ।

ଏହି ଅବସରରେ ମଧ୍ୟ ଆମେ ଭାରତୀୟ ସେନାବାହିନୀର ବୀର ଯବାନମାନଙ୍କୁ ବିଶେଷତଃ ଆମ ରାଜ୍ୟର ପୀତବାସ ସାହୁ ଏବଂ ଗୋରାଚାନ୍ଦ ସିଂଙ୍କୁ ସ୍ମରଣ କରୁଛୁ, ଯେଉଁମାନେ ଚରମ ତ୍ୟାଗ ପୂର୍ବକ ପ୍ରାଣବଳି ଦେଇଛନ୍ତି । ଦେଶର ସୁରକ୍ଷା ପାଇଁ ଏଭଳି ଦୃଷ୍ଟାନ୍ତମୂଳକ ଓ ନିଃସ୍ୱାର୍ଥପର ସେବା ନିମନ୍ତେ ଆମେ ସେମାନଙ୍କୁ ସଶ୍ରଦ୍ଧ ସମ୍ମାନ ଜଣାଉଛୁ ।

୪. ଉଭୟ ଦୈବୀ ଓ ମନୁଷ୍ୟକୃତ ବିପର୍ଯ୍ୟୟ ଓଡ଼ିଶାର ସହଚର । ଓଡ଼ିଶାର ଇତିହାସ ପ୍ରଳୟଙ୍କରୀ ବନ୍ୟା, ଭୟାବହ ବାତ୍ୟା ଏବଂ ଉତ୍କଟ ମରୁଡ଼ିର ସ୍ୱାକ୍ଷର ବହନ କରିଛି, ଯଦ୍ଦ୍ୱାରାକି ପ୍ରଗତି ବାଧାପ୍ରାପ୍ତ ହେବା ସଂଗେ ସଂଗେ ରାଜ୍ୟପକ୍ଷରୁ ଜାରି ରହିଥିବା ବିକାଶ ଉଦ୍ୟମର ସୁଫଳ ଅନେକାଂଶରେ ଉପଲବ୍ଧ ହୋଇପାରୁନାହିଁ । ରାଜ୍ୟର କେତେକ ଅଞ୍ଚଳ ମୃଦୁ ଭୂମିକମ୍ପ ବଳୟ ଭିତରେ ରହିଛି । ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସୁନାମୀ ପ୍ରବଣ । ବିପର୍ଯ୍ୟୟର ମୁକାବିଲା ଏବଂ ପରିଚାଳନା ନିମନ୍ତେ ଏକ ଭିନ୍ନ କୌଶଳର ଆବଶ୍ୟକତା ରହିଛି ବୋଲି ମୋ ସରକାର ସଠିକ୍ ହୃଦୟଙ୍ଗମ କରିଛନ୍ତି । ରିଲିଫ୍, ପୁନରୁଦ୍ଧାର ଓ ଥଇଥାନ ପରିବର୍ତ୍ତେ ଯୋଜନା, ନିରାକରଣ ଓ ପ୍ରସ୍ତୁତିକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ତଦନୁଯାୟୀ ମୋ ସରକାର ଦୀର୍ଘମିଆଦୀ ପରିକଳ୍ପନା ମାଧ୍ୟମରେ ଆଗାମୀ ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟର ସଠିକ୍

ମୁକାବିଲା ନିମନ୍ତେ ଏକ ବିପର୍ଯ୍ୟୟ ମୁକାବିଲା ନୀତି ପ୍ରଣୟନ କରିଛନ୍ତି । ସାମଗ୍ରିକ ସଙ୍କଟ ପରିଚାଳନା ଓ ବିପର୍ଯ୍ୟୟ ପ୍ରଶମନ ହେଉଛି ବିପର୍ଯ୍ୟୟ ପରିଚାଳନା ନୀତିର ମୁଖ୍ୟ ଉଦ୍ଦେଶ୍ୟ । ଏହି ନୀତିକୁ ବୈଧ କରିବା ଉଦ୍ଦେଶ୍ୟରେ ମୋ ସରକାର ଏ କ୍ଷେତ୍ରରେ ଏକ ନୂତନ ବିଧି ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି ।

୫. ରାଜ୍ୟ ଯେଉଁ ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଛି, ସେ ସଂପର୍କରେ ଗୃହର ମାନ୍ୟବର ସଦସ୍ୟମାନେ ଅବଗତ ଅଛନ୍ତି । ୧୯୯୯-୨୦୦୦ ବର୍ଷରୁ ମୋ ସରକାର ଅଧିକ ସମ୍ବଳ ସଂଗ୍ରହ ଏବଂ ଖର୍ଚ୍ଚକାଟ ପଦକ୍ଷେପ ଗ୍ରହଣ କରି ଏହିସବୁ ସମସ୍ୟାଗୁଡ଼ିକୁ ଦୃଢ଼ତାର ସହିତ ମୁକାବିଲା କରୁଛନ୍ତି । ଏହା ଫଳରେ ରାଜ୍ୟର ଆର୍ଥିକ ଅନଟନ ପରିସ୍ଥିତିକୁ ମୁକାବିଲା କରାଯାଇଛି ଏବଂ ରାଜ୍ୟର ଆର୍ଥିକ ଅବସ୍ଥାରେ ବିଶେଷ ଉନ୍ନତି ହୋଇପାରିଛି । କେତେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚକର ଉନ୍ନତି ଦ୍ୱାରା ଏହା ପରିଲକ୍ଷିତ ହେଉଛି । ରାଜସ୍ୱ ନିଅଣ୍ଟର ପରିମାଣ ୧୯୯୯-୨୦୦୦ ବର୍ଷରେ ୨୫୭୪.୧୯ କୋଟି ଟଙ୍କା ଥିବା ସ୍ଥଳେ ୨୦୦୩-୨୦୦୪ ବର୍ଷରେ ଏହା ୧୪୨୦.୯୨ କୋଟି ଟଙ୍କାକୁ ହ୍ରାସ ପାଇଛି । ରାଜ୍ୟର ମୋଟ ଘରୋଇ ଉତ୍ପାଦନର ପରିମାଣ ୧୯୯୯-୨୦୦୦ ବର୍ଷରେ ଶତକଡ଼ା ହାରରେ ୬.୭ ଥିବା ସ୍ଥଳେ ୨୦୦୩-୨୦୦୪ ବର୍ଷରେ ଏହା ୨.୮କୁ ହ୍ରାସ ପାଇଛି । ସେହିପରି ଭାବରେ ରାଜସ୍ୱ ନିଅଣ୍ଟରୁ ରାଜସ୍ୱ ଆଦାୟର ଅନୁପାତ ୧୯୯୯-୨୦୦୦ ବର୍ଷରେ ୪୩.୭% ଥିବାସ୍ଥଳେ ୨୦୦୩-୨୦୦୪ ବର୍ଷରେ ଏହା ୧୫.୧%କୁ ହ୍ରାସ ପାଇଛି । ୨୦୦୯-୨୦୧୦ ବର୍ଷ ସୁଦ୍ଧା ଏହି ନିଅଣ୍ଟକୁ ଶୂନ୍ୟରେ ପହଞ୍ଚାଇବାକୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି ।

ଏକାଦଶ ଅର୍ଥ ଆୟୋଗ ସୁପାରିଶ କ୍ରମେ ରାଜସ୍ୱ ନିଅଣ୍ଟ ଓ ରାଜସ୍ୱ ସଂଗ୍ରହର ଅନୁପାତରେ ବର୍ଷକୁ ୫% ଉନ୍ନତି ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ ୨୬୩.୭୩ କୋଟି ଟଙ୍କାର ପ୍ରୋତ୍ସାହନମୂଳକ ଆର୍ଥିକ ଅନୁଦାନ ପାଇଛନ୍ତି । ୨୦୦୪-୨୦୦୫ ଆର୍ଥିକ ବର୍ଷରେ ରାଜସ୍ୱ ନିଅଣ୍ଟ ଆହୁରି ହ୍ରାସ ପାଇବ ବୋଲି ଆଶା କରାଯାଉଛି ।

ଭିତ୍ତିଭୂମି ଏବଂ ମାନବ ସମ୍ବଳ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ପର୍ଯ୍ୟାପ୍ତ ସମ୍ବଳ ସଂଗ୍ରହ ଲକ୍ଷ୍ୟରେ ଏକ ମଧ୍ୟବର୍ତ୍ତୀ ଆର୍ଥିକ ଯୋଜନା ପ୍ରସ୍ତୁତ କରାଯାଇ ଅଗଷ୍ଟ ୨୦୦୪

ମସିହାରେ ଏହାକୁ ବିଧାନସଭାରେ ଉପସ୍ଥାପିତ କରାଯାଇଛି । ସହସ୍ରାବ୍ଦୀ ପ୍ରଗତି ଲକ୍ଷ୍ୟ ହାସଲ ଏବଂ ସ୍ଥାୟୀ ସମ୍ବଳ ବୃଦ୍ଧି ନିମନ୍ତେ ଅଣ ଉତ୍ପାଦକ ଖର୍ଚ୍ଚ କାଟ କରି ସରକାର ସାମାଜିକ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗର ପ୍ରୟାସ ଜାରି ରଖିଛନ୍ତି । ୨୦୦୫ ମସିହା ଅପ୍ରେଲ ପହିଲାଠାରୁ ରାଜ୍ୟ ସରକାର ମୂଲ୍ୟଯୁକ୍ତ କର ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା କର ବ୍ୟବସ୍ଥା ସ୍ୱଚ୍ଛ ଓ ସରଳ ହେବ । କର ଆଦାୟ କ୍ଷେତ୍ରରେ ଉନ୍ନତି ଘଟିବ ଏବଂ ରାଜସ୍ୱ ଆଦାୟ ବୃଦ୍ଧି ପାଇବ । ଦେଶରେ ଆର୍ଥିକ ସଂସ୍କାର ସଂପର୍କିତ ସହମତିକୁ ଦୃଷ୍ଟିରେ ରଖି ଏହି ପନ୍ଥା ଗ୍ରହଣ କରାଯାଇଛି ।

ରାଜ୍ୟ ସରକାରଙ୍କ ଋଣଭାର ଅଣାୟତ୍ତ ହୋଇପଡ଼ିଛି । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ବାର୍ଷିକ ଋଣଭାରକୁ ହ୍ରାସ କରିବାର ଜରୁରୀ ଆବଶ୍ୟକତା ରହିଛି । ଅଧିକ ଋଣଭାର ଲାଘବ ଏବଂ ଋଣ ପରିଶୋଧର ସମୟସୀମା ପୁନଃ ନିର୍ଦ୍ଧାରଣ କରିବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହାୟତାର ଆବଶ୍ୟକତା ରହିଛି । ଏହି ସହାୟତା ନମିଳିଲେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ଆର୍ଥିକ ସଂସ୍କାର ପଦକ୍ଷେପ ଫଳପ୍ରଦ ହେବ ନାହିଁ ଏବଂ ଉନ୍ନତିମୂଳକ କାର୍ଯ୍ୟକ୍ରମ ପାଇଁ କୌଣସି ନିର୍ଦ୍ଦିଷ୍ଟ ଅର୍ଥ ବ୍ୟବସ୍ଥା କରାଯାଇପାରିବ ନାହିଁ ।

ରାଜ୍ୟରେ ନିଆଯାଉଥିବା ଆର୍ଥିକ ସଂସ୍କାରକୁ ଦୃଷ୍ଟିରେ ରଖି ଭାରତ ସରକାର କେନ୍ଦ୍ରରୁ ଅର୍ଥ ଯୋଗାଣ ଆରମ୍ଭ କରି ଦେଇଛନ୍ତି । ଏହି ପରିସ୍ଥିତିରେ ବଳିଷ୍ଠ ଆର୍ଥିକ ପଦକ୍ଷେପ ମାଧ୍ୟମରେ ଯେଉଁ ସମସ୍ତ ସୁଫଳ ହାସଲ ହୋଇଛି, ସେସବୁ ଅଧିକ ସୁରକ୍ଷିତ ଏବଂ ସୁସଂହତ କରିବାର ଜରୁରୀ ଆବଶ୍ୟକତା ରହିଛି ।

*୬.* ୧୯୦୦୦ କୋଟି ଟଙ୍କା ଅଟକଳରେ ଦଶମ ପଞ୍ଚବାର୍ଷିକ ଯୋଜନା (୨୦୦୨-୨୦୦୭) ଚୂଡ଼ାନ୍ତ ହୋଇସାରିଛି । ରାଜ୍ୟ ଯୋଜନାରେ ପ୍ରଥମ ଦୁଇ ବର୍ଷ ମଧ୍ୟରେ ୪୯୧୦.୬୯ କୋଟି ଟଙ୍କା ବିନିଯୋଗ କରାଯାଇପାରିଛି, ଯାହାକି ଦଶମ ପଞ୍ଚବାର୍ଷିକ ଯୋଜନାରେ ଦର୍ଶାଯାଇଥିବା ବ୍ୟୟ ଅଟକଳର ୨୫.୮୫ ପ୍ରତିଶତ ଅଟେ ।

ଯୋଜନା ଆୟୋଗ ଦ୍ୱାରା ଦିଆଯାଇଥିବା ୨୦୦୪-୨୦୦୫ ବର୍ଷର ୨୩୬୪.୫୭ କୋଟି ଟଙ୍କା ବ୍ୟୟ ଅଟକଳକୁ ମୋ ସରକାର ପରିବର୍ତ୍ତନ କରି ଏହାକୁ

୨୫୦୦ କୋଟି ଟଙ୍କା ରଖିଛନ୍ତି । ୨୦୦୫-୦୬ ବର୍ଷ ପାଇଁ ରାଜ୍ୟ ସରକାର ମଧ୍ୟ ୩୦୦୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରିଛନ୍ତି । ଏହାମଧ୍ୟରୁ ସରକାରୀ କ୍ଷେତ୍ରରେ ୨୨୬୪.୫୧ କୋଟି ଟଙ୍କା ଏବଂ ଅବଶିଷ୍ଟ ୭୩୫.୪୯ କୋଟି ଟଙ୍କା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଲାଗି ଉଦ୍ଦିଷ୍ଟ ।

ଜଳସେଚନ ପ୍ରକଳ୍ପଗୁଡ଼ିକରେ ଜଳ ବ୍ୟବହାରୀମାନଙ୍କ ମଧ୍ୟରେ ପାଣିପଞ୍ଚାୟତ ଗଠନ କରିବା, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମହିଳାମାନଙ୍କୁ ସଂଗଠିତ କରିବା ଓ ମିଶନ ଶକ୍ତି କାର୍ଯ୍ୟକ୍ରମରେ ସେମାନଙ୍କୁ ଋଣ ସହାୟତା ଯୋଗାଇ ଦେବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଶକ୍ତି କ୍ଷେତ୍ରର ସଂସ୍କାର ଉପରେ ମୋ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ।

ମରୁଡ଼ି ପ୍ରତିକାର, ସର୍ବାଙ୍ଗୀନ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ ଏବଂ ଲୋକମାନଙ୍କର ଜୀବନଧାରଣ ମାନର ଉନ୍ନତି ଲକ୍ଷ୍ୟରେ ମୋ ସରକାର ଭାରତ ସରକାରଙ୍କ ସହିତ ପରାମର୍ଶ କରି କେ.ବି.କେ. ଜିଲ୍ଲାଗୁଡ଼ିକ ପାଇଁ ଏକ ସଂଶୋଧିତ ଦୀର୍ଘମିଆଦୀ କର୍ମଯୋଜନା ପ୍ରସ୍ତୁତ କରିଛନ୍ତି । ୨୦୦୨-୨୦୦୩ ବର୍ଷଠାରୁ କାର୍ଯ୍ୟକାରୀ ହେଉଥିବା ରାଷ୍ଟ୍ରୀୟ ସମବିକାଶ ଯୋଜନାର ଏହା ଏକ ଅଂଶ ବିଶେଷ । ୨୦୦୪-୨୦୦୫ ବର୍ଷରେ ସଂଶୋଧିତ ଦୀର୍ଘମିଆଦୀ କର୍ମଯୋଜନା ଅନ୍ତର୍ଗତ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତାର (ବାର୍ଷିକ କର୍ମଯୋଜନାର) ୨୫୦ କୋଟି ଟଙ୍କା ଭାରତ ସରକାରଙ୍କ ଯୋଜନା ଆୟୋଗ ଅନୁମୋଦନ କରିଛନ୍ତି । ଏତଦ୍‌ବ୍ୟତୀତ ୨୦୦୪-୨୦୦୫ ଆର୍ଥିକ ବର୍ଷରେ କେ.ବି.କେ. ଅଞ୍ଚଳର ଜିଲ୍ଲାଗୁଡ଼ିକରେ ବିଭିନ୍ନ ଜଳସେଚିତ ପ୍ରକଳ୍ପର କାର୍ଯ୍ୟ ଶେଷ କରିବା ପାଇଁ ତ୍ୱରାନ୍ୱିତ ଜଳସେଚନ କାର୍ଯ୍ୟକ୍ରମ ଜରିଆରେ ୧୦୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତାକୁ ସୁନିଶ୍ଚିତ କରାଯାଇଛି । ୨୦୦୫-୨୦୦୬ ଆର୍ଥିକ ବର୍ଷରେ କେ.ବି.କେ. ଜିଲ୍ଲାଗୁଡ଼ିକରେ ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ୨୫୦ କୋଟି ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତାର ଲକ୍ଷ୍ୟ ରଖାଯାଇଛି । ସେହିପରି ୨୦୦୫-୨୦୦୬ ଆର୍ଥିକ ବର୍ଷରେ ଏହିସବୁ ଜିଲ୍ଲାଗୁଡ଼ିକରେ ବିଭିନ୍ନ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଶେଷ କରିବା ପାଇଁ ତ୍ୱରାନ୍ୱିତ ଜଳସେଚନ କାର୍ଯ୍ୟକ୍ରମରେ ୮୦ କୋଟି ଟଙ୍କା କେନ୍ଦ୍ରୀୟ ସହାୟତାର ବ୍ୟୟଅଟକଳ କରାଯାଇଛି । ମୋ ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଯୋଜନା ଆୟୋଗ ୨୦୦୩-୨୦୦୪ ବର୍ଷରେ ରାଷ୍ଟ୍ରୀୟ ସମବିକାଶ

ଯୋଜନା ଅନ୍ତର୍ଗତ ପଛୁଆ ଜିଲ୍ଲା ବିକାଶ କାର୍ଯ୍ୟକ୍ରମରେ ରାଜ୍ୟର ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି । ବୈଷମ୍ୟ ଦୂରୀକରଣ ଓ ପଛୁଆ ଜିଲ୍ଲା ଭାବେ ପରିଗଣିତ ଅଞ୍ଚଳଗୁଡ଼ିକର ବିକାଶକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୨୦୦୪-୨୦୦୫ ଆର୍ଥିକ ବର୍ଷରେ ରାଷ୍ଟ୍ରୀୟ ସମବିକାଶ ଯୋଜନା ଅନ୍ତର୍ଗତ ପଛୁଆ ଜିଲ୍ଲା ବିକାଶ ପ୍ରୟାସରେ ଆଉ ୩ଟି ଜିଲ୍ଲା ଯଥା- ଗଜପତି, କେଉଁଝର ଏବଂ ସୁନ୍ଦରଗଡ଼କୁ ସାମିଲ କରାଯାଇଛି । ୨୦୦୪-୨୦୦୫ ଆର୍ଥିକ ବର୍ଷରେ କୃଷି, ସ୍ୱାସ୍ଥ୍ୟ, ନିର୍ମାଣ, ଶକ୍ତି, ଜଳସେଚନ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ତଫସିଲଭୁକ୍ତ ଜାତି ଓ ଜନଜାତିମାନଙ୍କ କଲ୍ୟାଣ ନିମନ୍ତେ ଚାଲୁ ରହିଥିବା ୧୨ ଗୋଟି ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ ଏବଂ ୧୧ଟି ନିର୍ଦ୍ଧାରିତ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ୪୫୩.୨୧ କୋଟି ଟଙ୍କା ବ୍ୟୟ ଅଟକଳରେ ବାର୍ଷିକ ଯୋଜନା ପ୍ରସ୍ତୁତ ହୋଇଛି । ୨୦୦୫-୨୦୦୬ ଆର୍ଥିକ ବର୍ଷରେ ବାହ୍ୟ ସହାୟତା ପ୍ରାପ୍ତ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୬୦୦ କୋଟି ଟଙ୍କା ସମ୍ବଳ ସଂଗ୍ରହ ନିମନ୍ତେ ରାଜ୍ୟ ସରକାର ଆଶା ପୋଷଣ କରିଛନ୍ତି ।

ସାଂସଦ ଉନ୍ନୟନ ପାଣ୍ଠି ଏବଂ ବିଧାୟକ ଉନ୍ନୟନ ପାଣ୍ଠି ବିନିଯୋଗର ପ୍ରଗତି ସମ୍ପର୍କରେ ଯୋଜନା ଏବଂ ସମନ୍ୱୟ ବିଭାଗ ନିୟମିତ ଭାବେ ସମୀକ୍ଷା କରୁଛନ୍ତି ।

ରାଜ୍ୟ ପଶ୍ଚିମାଞ୍ଚଳର ୧୧ଟି ଜିଲ୍ଲାରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇଥିଲା । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧିନିୟମ, ୨୦୦୦ ଅନୁଯାୟୀ ରାଜ୍ୟ ସରକାର ପ୍ରତି ବର୍ଷ ୫୦ କୋଟି ଟଙ୍କା ଯୋଗାଇ ଦେଉଛନ୍ତି ।

ନିଯୁକ୍ତି କ୍ଷେତ୍ରରେ ମୋ ସରକାର ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ନିଯୁକ୍ତି ନୀତି ପ୍ରଣୟନ ଓ ଆତ୍ମ ନିଯୁକ୍ତି ମିଶନ ଗଠନ ବିଷୟ ସରକାରଙ୍କ ସକ୍ରିୟ ବିଚାରାଧୀନ ଅଛି ।

**୭.** ରାଜ୍ୟର ଶତକଡ଼ା ୭୦ ଭାଗରୁ ଅଧିକ ପରିବାର କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାରୁ ମୋ ସରକାର କୃଷିର ଉନ୍ନତି ପାଇଁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । କୃଷକ ପରିବାରର ଆୟ ବୃଦ୍ଧି ଉପରେ ଦାରିଦ୍ର୍ୟ ଦୂରୀକରଣ ବହୁମାତ୍ରାରେ ନିର୍ଭରଶୀଳ ।

ବିକଳ୍ପ ଅର୍ଥକରୀ ଚାଷ ଉପରେ ମୋ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି । ଏଥିପାଇଁ କୃଷି ସମ୍ପ୍ରସାରଣ ପ୍ରୟାସକୁ ଅଧିକ ଜୋରଦାର କରି ଉପଯୁକ୍ତ କୌଶଳ ପ୍ରୟୋଗ ଦ୍ୱାରା ପାରମ୍ପରିକ କୃଷି ପରିବର୍ତ୍ତେ ବ୍ୟବସାୟଭିତ୍ତିକ ଅର୍ଥକରୀ ଫସଲ ପ୍ରତି ଗୁରୁତ୍ୱ ଦେବାକୁ ହେବ । କୃଷି ଉତ୍ପାଦନ ନିମନ୍ତେ ଆମ କୃଷକମାନଙ୍କର ଉନ୍ନତମାନର ଜ୍ଞାନକୌଶଳ ଏବଂ ସମନ୍ୱିତ ପୁଷ୍ଟି ସାଧନ ତଥା କୀଟନାଶକ ବ୍ୟବସ୍ଥାର ପରିଚାଳନା ଉପରେ ମୋ ସରକାର ଗୁରୁତ୍ୱ ଦେଉଛନ୍ତି । କୃଷକମାନଙ୍କ ନିକଟରେ କୃଷି ଉତ୍ପାଦନ ନିମନ୍ତେ ଉନ୍ନତ ମାନର ଜ୍ଞାନକୌଶଳ ଏବଂ ବିଭିନ୍ନ ଧରଣର ଚାଷ ପ୍ରଣାଳୀର ସବିଶେଷ ତଥ୍ୟ ପହଞ୍ଚାଇବା ଲକ୍ଷ୍ୟରେ କୃଷିର ସାମଗ୍ରିକ ପରିଚାଳନା, ଆଇ.ଏସ୍.ଓ.ପି.ଓ.ଏମ୍., ଆଇ.ସି.ଡି.ପି. (କପା) ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ କାର୍ଯ୍ୟ ଯୋଜନାରେ ସମ୍ପ୍ରସାରଣ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରାଯାଇ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କୃଷକ କ୍ଷେତ୍ର ଶିକ୍ଷା ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ପରିଚାଳନା କରାଯିବ । ଆମ ରାଜ୍ୟରେ ଅନୁକୂଳ କୃଷି ଜଳବାୟୁ ରହିଥିବା ଦୃଷ୍ଟିରୁ ଉଦ୍ୟାନ କୃଷିକୁ ଗୁରୁତ୍ୱ ଦେବାର ପର୍ଯ୍ୟାପ୍ତ ସୁଯୋଗ ରହିଛି । ତିନୋଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଯଥା- କେଉଁଝର, ଗଜପତି ଏବଂ କୋରାପୁଟରେ ତିନୋଟି ସମନ୍ୱିତ ଉଦ୍ୟାନ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ୨୦୦୪-୨୦୦୫ ଆର୍ଥିକ ବର୍ଷରେ କୃଷିର ସାମଗ୍ରିକ ପରିଚାଳନା ଏବଂ କେ.ବି.କେ. ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ନିଜ ଜମିରେ ଫଳ ଓ ପନିପରିବା ଉତ୍ପାଦନ ପାଇଁ ୧୪ ଲକ୍ଷ ଆମ୍ବ, ପିଜୁଳି, ଲିଚୁ, ସପେଟା, କାଗେଜି ଲେମ୍ବୁ, କମଳା, ଆତ ଏବଂ ଅନ୍ୟାନ୍ୟ ଫଳଗଛ କଲମୀ ଚାରା, ୧୦ ଲକ୍ଷ କାଜୁ କଲମୀ ଚାରା, ୧୨ ଲକ୍ଷ କଦଳୀ ପୁଆ ଏବଂ ୨ ଲକ୍ଷ ପନିପରିବା ମଞ୍ଜି ପୁଡ଼ିଆ ଯୋଗାଇ ଦିଆଯାଇଛି । କନ୍ଦ ଜାତୀୟ ଫସଲକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କନ୍ଦମୂଳ, ଖମ୍ୱଆଳୁ ଏବଂ ଓଲୁଅ ସଂପର୍କରେ ଆୟୋଜିତ ୨୧୦୦ କ୍ଷେତ୍ର ପ୍ରଦର୍ଶନୀ ପାଇଁ ଆବଶ୍ୟକୀୟ ବିହନ ଯୋଗାଇ ଦିଆଯିବ ।

ମୋ ସରକାର ରାଜ୍ୟରେ ଫୁଲଚାଷକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ଚାଷୀମାନଙ୍କୁ ବିଭିନ୍ନ ବ୍ୟବସାୟିକ ଫୁଲ ଅଧିକ ଉତ୍ପାଦନ ସମ୍ପର୍କରେ ତାଲିମ୍ ପ୍ରଦାନ କରୁଛନ୍ତି । ଦେଶରେ ଏକ ସମନ୍ୱିତ ଉଦ୍ୟାନ କୃଷି ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ହେଉଥିବା

ଉଦ୍ୟାନ ମିଶନକୁ ମୋ ସରକାର ରାଜ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି । ନାବାର୍ଡ଼ ଋଣ ସହାୟତାରେ ନିଜ ଜମିରେ ଅଗଭୀର, ମଧ୍ୟମ ଓ ଗଭୀର ସେଚକୂପ ମାଧ୍ୟମରେ ନିଜସ୍ୱ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ଚାଷୀମାନଙ୍କ ସହାୟତା ପାଇଁ ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଚଳିତବର୍ଷ ରାଜ୍ୟରେ ୧୭,୦୦୦ରୁ ଊର୍ଦ୍ଧ୍ୱ କୂପ ଖନନ କରାଯାଇଛି ଏବଂ ୨୦୦୫-୨୦୦୬ ବର୍ଷ ପାଇଁ ୧୪,୪୦୦ କୂପ ଖନନ ନିମନ୍ତେ ଯୋଜନା ରହିଛି ।

ରାଜ୍ୟରେ କୃଷି ଯାନ୍ତ୍ରିକରଣ ଲୋକପ୍ରିୟତା ଅର୍ଜ୍ଜନ କରିଛି । ଟ୍ରାକ୍ଟର, ପାୱାରଟିଲର୍ ଏବଂ ଅନ୍ୟ କୃଷି ଯନ୍ତ୍ରପାତି ଉପରେ ରିହାତି ପ୍ରଦାନ କରାଯାଉଛି । ଏତଦ୍‌ବ୍ୟତୀତ ଘରୋଇ ଉଦ୍ୟୋଗୀମାନଙ୍କୁ କୃଷି ସେବା କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ରିହାତି ପ୍ରଦାନ କରାଯାଇ ସେମାନଙ୍କ ମାଧ୍ୟମରେ ସ୍ଥାନୀୟ କୃଷକମାନଙ୍କୁ କୃଷି ଯନ୍ତ୍ରପାତିଗୁଡ଼ିକ ଭଡ଼ା ସୂତ୍ରରେ ଯୋଗାଇ ଦିଆଯାଇପାରୁଛି ।

ମରୁଡ଼ି ପ୍ରବଣ ଅଞ୍ଚଳରେ ମରୁଡ଼ି ପ୍ରତିକାର ଏବଂ ଜମିର ଆର୍ଦ୍ରତା ବୃଦ୍ଧି ଉଦ୍ଦେଶ୍ୟରେ କ୍ଷୁଦ୍ର ଜଳ ବିଭାଜିକାଗୁଡ଼ିକର ଉନ୍ନୟନକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ, ସମନ୍ୱିତ ଜଳବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମ, ସ୍ୱଳ୍ପବୃଷ୍ଟି ଅଞ୍ଚଳରେ ଜାତୀୟ ଜଳବିଭାଜିକା ଉନ୍ନୟନ ପ୍ରକଳ୍ପ, ନଦୀ ଉପତ୍ୟକା ପ୍ରକଳ୍ପ, କେ.ବି.କେ. ଅଞ୍ଚଳରେ ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟକାରୀ ଯୋଜନା ଏବଂ ଡି.ଏଫ୍.ଆଇ.ଡି. ସହାୟତାରେ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ କାର୍ଯ୍ୟକ୍ରମଗୁଡ଼ିକ ମାଧ୍ୟମରେ ସଂପ୍ରତି ୨୧୧୭ ଗୋଟି କ୍ଷୁଦ୍ର ଜଳବିଭାଜିକାର ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଛି, ଯଦ୍ୱାରାକି ୧୧.୫୭ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରାଯାଇପାରିବ । ୨୦୦୫-୨୦୦୬ ବର୍ଷରେ ହିତାଧିକାରୀ କୃଷକ ପରିବାରମାନଙ୍କୁ ସଂପୃକ୍ତ କରାଯାଇ ବିଭିନ୍ନ ଯୋଜନା ମାଧ୍ୟମରେ ୧.୪ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବାର କାର୍ଯ୍ୟକ୍ରମ ରଖାଯାଇଛି ।

କୃଷକମାନଙ୍କୁ ସେମାନଙ୍କର ବଳକା ଉତ୍ପାଦିତ ଧାନ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନକୁ ନିଶ୍ଚିତ କରିବା ଲକ୍ଷ୍ୟରେ ମୋ ସରକାର ଚଳିତ ବ୍ୟବସାୟିକ ଋତୁ

୨୦୦୪-୨୦୦୫ ବର୍ଷରେ ୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି । ତନ୍ମଧ୍ୟରୁ ୧୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଲେଭି ମାଧ୍ୟମରେ ସଂଗ୍ରହ କରାଯିବ । ବିକେନ୍ଦ୍ରିକରଣ ସଂଗ୍ରହ ବ୍ୟବସ୍ଥା ଅନୁଯାୟୀ ୧ ଲକ୍ଷ ମେଟ୍ରିକ୍ ଟନ୍ ପରିମାଣର ଧାନ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ଏବଂ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ସଂଗ୍ରହ କରାଯିବ । ଚାଷୀମାନଙ୍କ ପାଖରୁ ସିଧାସଳଖ ୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ନିମନ୍ତେ ଆବଶ୍ୟକ ପରିମାଣର ଧାନ ସଂଗ୍ରହ କରିବା ପାଇଁ ଭାରତୀୟ ଖାଦ୍ୟ ନିଗମକୁ ଅନୁରୋଧ କରାଯାଇଛି ।

୮. ରାଜ୍ୟର ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏବଂ ନୂତନ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇ ଜଳସେଚନ ସାମର୍ଥ୍ୟ ବୃଦ୍ଧି କରିବା ପାଇଁ ମୋ ସରକାର ନିରବଚ୍ଛିନ୍ନ ଉଦ୍ୟମ କରି ଆସୁଛନ୍ତି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ବିଶ୍ୱବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ସଂସ୍ଥାରୁ ମୋ ସରକାର ଆର୍ଥିକ ସହାୟତା ପାଇଛନ୍ତି । ବିଶ୍ୱବ୍ୟାଙ୍କ ଆର୍ଥିକ ସହାୟତାରେ ଓଡ଼ିଶା ଜଳସମ୍ପଦ ଏକତ୍ରୀକରଣ ପ୍ରକଳ୍ପ ୧୩୯୧ କୋଟି ଟଙ୍କା ବ୍ୟୟରେ ସେପ୍ଟେମ୍ବର ୨୦୦୪ ମସିହାରେ ୨୬ଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨,୪୬,୨୭୩ ହେକ୍ଟର ପରିମିତ ଅଞ୍ଚଳକୁ ଜଳସେଚିତ କରାଯାଇପାରିବ । ଆଉମଧ୍ୟ ୩ ଗୋଟି ବୃହତ୍ ଏବଂ ୫ ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇ ୬୫,୫୦୬ ହେକ୍ଟର ଅତିରିକ୍ତ ଜଳସେଚନ ପରିସର ସୃଷ୍ଟି କରାଯାଇଛି । ହାଇଡ୍ରୋଲୋଜିକାଲ ସୂଚନା ପଦ୍ଧତିର ବିକାଶ ନିମନ୍ତେ ଜାତୀୟ ହାଇଡ୍ରୋଲୋଜି ପ୍ରକଳ୍ପ-II ନାମକ ଅନ୍ୟ ଏକ ବିଶ୍ୱବ୍ୟାଙ୍କ ଯୋଜନା କାର୍ଯ୍ୟ ହାତକୁ ନିଆଯାଇଛି ।

ଜାପାନ ଆନ୍ତର୍ଜାତିକ ସମବାୟ ବ୍ୟାଙ୍କ ଯୋଜନା ଜରିଆରେ ସମ୍ପ୍ରତି ରେଙ୍ଗାଲି ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି । ତ୍ୱରାନ୍ୱିତ ଜଳସେଚନ କାର୍ଯ୍ୟକ୍ରମରେ ୧୮ ଗୋଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି । ନାବାର୍ଡ଼ ଋଣ ସହାୟତାରେ ୧୭୦ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି । ୨୦୦୫-୨୦୦୬ ବର୍ଷରେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା ମାଧ୍ୟମରେ ୪୩.୨୭୪

ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବା ପାଇଁ ମୋ ସରକାର କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ତନ୍ମଧ୍ୟରୁ ୬୬ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ୨୦୦୫-୨୦୦୬ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି । ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟକାରୀ ଯୋଜନାରେ କେ.ବି.କେ. ଜିଲ୍ଲାକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ୨୨ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଯୋଜନା ରହିଛି । ମୋ ସରକାର ବିଜୁ କୃଷକ ବିକାଶ ଯୋଜନାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ୭ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହି ଯୋଜନାରେ ୨୦୦୪ ବର୍ଷ ଶେଷ ସୁଦ୍ଧା ୧୬,୫୭୫ ଗୋଟି ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଛି ଏବଂ ୨୦୦୪-୨୦୦୫ ବର୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୫୦୦ ଗୋଟି ନୂତନ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ କରାଯିବାର ଯୋଜନା ରହିଛି । ୨୦୦୫-୨୦୦୬ ବର୍ଷରେ ବିଜୁ କୃଷକ ବିକାଶ ଯୋଜନା ମାଧ୍ୟମରେ ଖରିଫ୍ ପାଇଁ ୨୦,୦୦୦ ହେକ୍ଟର ପରିମିତ ଅଞ୍ଚଳ ଏବଂ ରବି ପାଇଁ ୧୨,୦୦୦ ହେକ୍ଟର ଅଞ୍ଚଳରେ ୧୦୦୦ ଗୋଟି ନୂତନ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯିବ । ଜଳସେଚନ ବ୍ୟବସ୍ଥା ପରିଚାଳନାରେ କୃଷକମାନଙ୍କ ପ୍ରତ୍ୟକ୍ଷ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟରେ ୧୦,୮୦୫ ଗୋଟି ପାଣିପଞ୍ଚାୟତ ଗଠନ କରାଯାଇଛି । ରାଜ୍ୟର ସମସ୍ତ ଜଳସେଚିତ ଅଞ୍ଚଳରେ ଏହି ସହଯୋଗଭିତ୍ତିକ ଜଳସେଚନ ପରିଚାଳନାକୁ କାର୍ଯ୍ୟକାରୀ କରିବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ ।

୯. ନୂତନ ବିଜ୍ଞାନଭିତ୍ତିକ ବୈଷୟିକ କୌଶଳ ଅବଲମ୍ବନରେ ରାଜ୍ୟରେ ପଶୁପାଳନ, କୁକୁଡ଼ାଚାଷ ଏବଂ ମତ୍ସ୍ୟଚାଷର ବିକାଶ ନିମନ୍ତେ ମୋ ସରକାର ବିଶେଷ ଆଗ୍ରହୀ । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ମହିଳାମାନଙ୍କୁ ପ୍ରଶିକ୍ଷଣ ଓ ନିଯୁକ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଯାୟୀ ସରକାର ଓମଫେଡ୍ ଜରିଆରେ ରାଜ୍ୟର ୧୭ ଗୋଟି ଜିଲ୍ଲାରେ 'ମହିଳା ଗୋପାଳନ ପ୍ରକଳ୍ପ' ଚାଲୁ କରିବା ନିମନ୍ତେ ପଦକ୍ଷେପ ନେଇଛନ୍ତି । ଏହି ଯୋଜନାରେ ରାଜ୍ୟର ୬୦,୨୮୭ ଜଣ ମହିଳା ସଦସ୍ୟାଙ୍କୁ ନେଇ ୮୩୭ଟି ମହିଳା ଗୋପାଳନ ସମବାୟ ସମିତି ଗଠନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କେ.ବି.କେ. ଅଞ୍ଚଳର ୪ ଗୋଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିବାକୁ ମୋ ସରକାର ଭାରତ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ମୋ ସରକାର ମତ୍ସ୍ୟ ଉତ୍ପାଦନ

ଏବଂ ପ୍ରକ୍ରିୟାକରଣ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ୨୦୦୪-୨୦୦୫ ଆର୍ଥିକ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ୫୯ କୋଟି ଯାଆଁଳ ଉତ୍ପାଦନ କରାଯାଇପାରିଛି । ଗ୍ରାମପଞ୍ଚାୟତର ଅତି କମ୍‌ରେ ଗୋଟିଏ ପୋଖରୀକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଦିଆଯିବା ପାଇଁ ସ୍ଥିର କରାଯାଇଛି ।

**୧୦.** ଗ୍ରାମାଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶ ଏବଂ ରାଜ୍ୟର ସାମଗ୍ରିକ ବିକାଶ କ୍ଷେତ୍ରରେ ସମବାୟ ସମିତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଛନ୍ତି । କିଷାନ୍ କ୍ରେଡିଟ୍ କାର୍ଡ଼ ମାଧ୍ୟମରେ କୃଷକମାନଙ୍କୁ ଟଙ୍କା ଓ ସାମଗ୍ରୀ ଯୋଗାଇ ଦେବା ବାବଦରେ ତତ୍କାଳ କୃଷିଋଣ ପ୍ରଦାନ କରାଯାଉଛି । ୨୦୦୪ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ପ୍ରାୟ ୨୧.୨୪ ଲକ୍ଷ କିଷାନ୍ କ୍ରେଡ଼ିଟ କାର୍ଡ଼ ଦେବାର ବ୍ୟବସ୍ଥା କରାଯାଇଥିଲା । ତନ୍ମଧ୍ୟରୁ ୨୦୦୪-୨୦୦୫ ବର୍ଷ ମଧ୍ୟରେ ୩.୦୨ ଲକ୍ଷ କିଷାନ କ୍ରେଡ଼ିଟ୍ କାର୍ଡ଼ ବଣ୍ଟନ କରାଯାଇଛି । ମୋ ସରକାର କଳିଙ୍ଗ କିଷାନ ଗୋଲ୍ଡ କାର୍ଡ଼ ନାମକ ଏକ ଅଭିନବ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ଏହାଦ୍ୱାରା କିଷାନ କ୍ରେଡ଼ିଟ୍ କାର୍ଡ଼ଧାରୀମାନେ ଯଦି ନିରବଚ୍ଛିନ୍ନ ଭାବେ ଦୁଇବର୍ଷ ପାଇଁ ତାଙ୍କ ଋଣ ପରିଶୋଧ କରି ଚାଲିଥିବେ, ତେବେ ତାଙ୍କୁ ଏହି ଗୋଲ୍ଡକାର୍ଡ଼ ପ୍ରଦାନ କରାଯିବ । ଏହି ଗୋଲ୍ଡକାର୍ଡ଼ଧାରୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଇଥାଏ ଯଥା ସ୍ୱଳ୍ପ ସୁଧ ହାରରେ ଋଣ ପ୍ରଦାନ, ମାଗଣା ଦୁର୍ଘଟଣାଜନିତ ବୀମା ଯୋଜନା, ମାଗଣା ଶିକ୍ଷାଗସ୍ତ କାର୍ଯ୍ୟକ୍ରମ ଓ ଲଟେରୀ ମାଧ୍ୟମରେ ଆର୍ଥିକ ପୁରସ୍କାର ପ୍ରଦାନ । ଯେଉଁ କିଷାନ୍ କ୍ରେଡ଼ିଟ୍ କାର୍ଡ଼ଧାରୀମାନେ ନିୟମିତ ଭାବେ ଏକବର୍ଷ ପାଇଁ ଋଣ ପରିଶୋଧ କରିଥିବେ, ସେମାନଙ୍କ ପାଇଁ କଳିଙ୍ଗ କିଷାନ୍ ସିଲଭର୍ କାର୍ଡ଼ର ବ୍ୟବସ୍ଥା ରହିଛି ।

ରାଜ୍ୟରେ ଦିଆଯାଇଥିବା ସମୁଦାୟ ଶସ୍ୟଋଣ ମଧ୍ୟରୁ ଶତକଡ଼ା ୭୨ ଭାଗ ସମବାୟ ବ୍ୟାଙ୍କମାନଙ୍କ ଜରିଆରେ ପ୍ରଦାନ କରାଯାଇଛି । ୨୦୦୪ ମସିହା ଖରିଫ୍ ପାଇଁ ୫୦୦ କୋଟି ଟଙ୍କା ଚାଷୀମାନଙ୍କ ମଧ୍ୟରେ ଶସ୍ୟଋଣ ବାବଦରେ ବଣ୍ଟନ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସ୍ଥଳେ ୬.୨୪ ଲକ୍ଷ ଚାଷୀଙ୍କୁ ୫୬୮.୪୯ କୋଟି ଟଙ୍କା ବଣ୍ଟନ କରାଯାଇଛି ।୨୦୦୪-୨୦୦୫ ଡିସେମ୍ବର ମାସ ଶେଷ ସୁଦ୍ଧା ରବିଚାଷ ପାଇଁ ୧.୩୬

ଲକ୍ଷ ଚାଷୀଙ୍କୁ ୧୩୬.୩୬ କୋଟି ଟଙ୍କା ଶସ୍ୟଋଣ ବାବଦରେ ପ୍ରଦାନ କରାଯାଇଛି । ଶସ୍ୟବୀମା ଆକାରରେ ୨୦୦୪ ମସିହା ନଭେମ୍ବର ମାସ ଶେଷସୁଦ୍ଧା ଶସ୍ୟହାନୀ କ୍ଷତିପୂରଣ ବାବଦରେ ୩୯,୧୮୮ ଜଣ ଚାଷୀଙ୍କୁ ସମୁଦାୟ ୧୮.୨୮ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ମୋ ସରକାର ପ୍ରାଥମିକ କୃଷି ସମବାୟ ସମିତି (ପି.ଏ.ସି.) ସ୍ତରରେ କାର୍ଯ୍ୟ କରୁଥିବା ୬୪୯ଟି ମିନିବ୍ୟାଙ୍କ୍ ଜରିଆରେ ସଞ୍ଚୟ କରିବା ନିମନ୍ତେ ପ୍ରୋତ୍ସାହିତ କରୁଛନ୍ତି । ଏହାଫଳରେ ୨୦୦୪ ମସିହା ନଭେମ୍ବର ମାସ ସୁଦ୍ଧା ୪୬୩.୨୧ କୋଟି ଟଙ୍କା ସଞ୍ଚୟ କରାଯାଇପାରିଛି । କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଜରିଆରେ ୨୮୪୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ୧୦୪୫.୦୫ ଲକ୍ଷ ଟଙ୍କା ସଞ୍ଚୟ କରାଯାଇପାରିଛି । ୨୦୦୪ ମସିହା ନଭେମ୍ବର ମାସ ସୁଦ୍ଧା ୨୫୫୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ୪୩୯.୬୬ ଲକ୍ଷ ଟଙ୍କା ସଞ୍ଚୟ କରାଯାଇପାରିଛି । ଆର୍ଥିକ ଦୁର୍ବଳ ଶ୍ରେଣୀ (ବି.ପି.ଏଲ୍. ବର୍ଗରୁ ଊର୍ଦ୍ଧ୍ୱ) ହିତାଧିକାରୀଙ୍କ ନିମନ୍ତେ ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ, 'ଗ୍ରାମ୍ୟ ଗୃହ ନିର୍ମାଣ ପାଇଁ ଋଣ ତଥା ରିହାତି ଯୋଜନା' ପ୍ରଚଳନ କରିଛନ୍ତି । ଏହା ପଞ୍ଚାୟତିରାଜ ବିଭାଗ ଏବଂ ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ନ୍ୟସ୍ତ । ଏହି ଯୋଜନାରେ ୨୦୦୪ ମସିହା ଡିସେମ୍ବର ମାସ ସୁଦ୍ଧା ୮୨୪୯ଟି ଗୃହ ନିର୍ମାଣ ପାଇଁ ଋଣ ସହାୟତା ଦିଆଯାଇଛି ।

**୧୧.** ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଅଧିବାସୀମାନଙ୍କ ସମେତ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଜୀବିକା ନିର୍ବାହ କ୍ଷେତ୍ରରେ ଜଙ୍ଗଲ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ହେତୁ ମୋ ସରକାର ଜୀବିକାର୍ଜନ ପାଇଁ ସହାୟତା ଯୋଗାଇବା, ରାଜ୍ୟର ଜଙ୍ଗଲ ସମ୍ପଦ ବୃଦ୍ଧି ଏବଂ ଲୋକମାନଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି ହେବା ଭଳି କେତେଗୁଡ଼ିଏ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନାରେ ଲୋକମାନଙ୍କ ସକ୍ରିୟ ଅଂଶ ଗ୍ରହଣ ଯୋଗୁଁ ରାଜ୍ୟର ଜଙ୍ଗଲ ସମ୍ପଦରେ ଆଖିଦୃଶିଆ ଅଭିବୃଦ୍ଧି ଘଟିଛି । ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନାରେ ୭୩୫୮ ବନ ସଂରକ୍ଷଣ ସମିତି ଅଂଶ ଗ୍ରହଣ ଦ୍ୱାରା ଜଙ୍ଗଲ ସୁରକ୍ଷା ଏବଂ ସଂରକ୍ଷଣ କରି ୮୦୩୯ ବର୍ଗ କି.ମି. ଉଜୁଡ଼ା ଜଙ୍ଗଲର

ଉନ୍ନତି ବିଧାନ କରିଛନ୍ତି । ୬୬୧୧ ବର୍ଗ କି.ମି. ଅଞ୍ଚଳର ଜାତୀୟ ଉଦ୍ୟାନ ଏବଂ ବନ୍ୟଜନ୍ତୁ ଅଭୟାରଣ୍ୟ ଏବଂ ଗହିରମଥା ସାମୁଦ୍ରିକ ଅଭୟାରଣ୍ୟର ୨୦ କି.ମି. ପରିବ୍ୟାପ୍ତ ୧୪୦୮ ବର୍ଗ କି.ମି. ଅଞ୍ଚଳକୁ ସଂରକ୍ଷିତ କରାଯାଇଛି ।

୨୦୦୪-୨୦୦୫ ବର୍ଷରେ ମୋ ସରକାରଙ୍କ ଦ୍ୱାରା ରାଜ୍ୟରେ ବିଭିନ୍ନ ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଜରିଆରେ ୨୪,୬୦୫ ହେକ୍ଟର ଅଞ୍ଚଳକୁ ନେଇ ବନୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏତଦ୍‌ବ୍ୟତୀତ, ଜଙ୍ଗଲ ଅବକ୍ଷୟର କ୍ଷତିପୂରକ ଭାବେ ୬୬୨୨ ହେକ୍ଟର ଅଞ୍ଚଳରେ ବନୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବିଶ୍ୱଖାଦ୍ୟ ଯୋଜନା ପ୍ରକଳ୍ପ ମାଧ୍ୟମରେ ମୁଖ୍ୟ ଆଦିବାସୀ ଅଞ୍ଚଳଗୁଡ଼ିକରେ ଜଙ୍ଗଲ ଶ୍ରମିକମାନଙ୍କୁ ଖାଦ୍ୟ ସମାଗ୍ରୀ (୨୦୦୪ ମସିହା ଡିସେମ୍ବର ସୁଦ୍ଧା ୨୮୬୬ ମେଟ୍ରିକ୍ ଟନ୍ ଚାଉଳ ଏବଂ ୧୯୪ ମେଟ୍ରିକ୍ ଟନ୍ ଡାଲି) ରିହାତି ଦରରେ ଯୋଗାଇ ଦିଆଯିବା ସହିତ ମାଇକ୍ରୋ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ ହେଉଛି । ଚଳିତ ଋତୁରେ ୧୦ ଲକ୍ଷ କେନ୍ଦୁପତ୍ର ତୋଳାଳୀ କେନ୍ଦୁପତ୍ର ସଂଗ୍ରହ କରି ଲାଭବାନ ହୋଇଛନ୍ତି । କେନ୍ଦୁପତ୍ର ବ୍ୟବସାୟ ଜରିଆରେ ମଜୁରିଭିତ୍ତିକ ଯୋଜନା ମାଧ୍ୟମରେ ପ୍ରତିବର୍ଷ ୧୫୦ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମ ଦିବସ ସୃଷ୍ଟି କରାଯାଇପାରୁଛି । କେନ୍ଦୁପତ୍ରର ପ୍ରାଥମିକ ସଂଗ୍ରହକାରୀଙ୍କ କଲ୍ୟାଣ ପାଇଁ ମୋ ସରକାର ୨୦ଟି କେନ୍ଦୁପତ୍ର ଥିବା ବିଡ଼ା ମୂଲ୍ୟକୁ ୨୧ ପଇସାରୁ ୨୧.୫ ପଇସାକୁ ବୃଦ୍ଧି କରିଛନ୍ତି । ୪ ବର୍ଷ ବ୍ୟବଧାନ ପରେ ଚଳିତ ଋତୁରେ ବାଉଁଶ କାମ ଆରମ୍ଭ ହୋଇଛି । ଏହା ମାଧ୍ୟମରେ ସ୍ଥାନୀୟ ଲୋକ ବିଶେଷ କରି ଆଦିବାସୀମାନଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଚିଲିକା ହ୍ରଦର ଜୈବ ପରିବେଶର ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୨୦୦୪ ମସିହାରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ସମ୍ମାନଜନକ 'ଇନ୍ଦିରା ଗାନ୍ଧୀ ପର୍ଯ୍ୟାବରଣ ପୁରସ୍କାର-୨୦୦୨'ର ଅଧିକାରୀ ହୋଇପାରିଛନ୍ତି । ମୋ ସରକାର ବାୟୁ ଏବଂ ଜଳ ପ୍ରଦୂଷଣ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେଇ ଚାଲିଥିବେ ।

**୧୨.** 'ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନା'ରେ ୨୦୦୭ ମସିହା ସୁଦ୍ଧା ସମସ୍ତ ଗ୍ରାମକୁ ବିଦ୍ୟୁତ୍‌କରଣ କରିବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟକ୍ରମରେ ଗ୍ରାମଗୁଡ଼ିକରେ ସୁରକ୍ଷିତ ସ୍ଥାନରେ ଏଲ୍.ଟି. ଲେସ୍‌ଲାଇନ, ଏଲ୍.ଭି. ଲେସ୍ ଟ୍ରାନସ୍‌ଫରମର ସ୍ଥାପନ କରାଯିବ,

ଯଦ୍ୱାରାକି ହୁକ ମାଧ୍ୟମରେ ହେଉଥିବା ବିଦ୍ୟୁତ୍ ଚୋରୀକୁ ରୋକାଯାଇପାରିବ ।

ରାଜ୍ୟରେ ଶକ୍ତି କ୍ଷେତ୍ରରେ ସଂସ୍କାର ଏବଂ ପୁନର୍ବିନ୍ୟାସ ଅଣାଯିବା ଦ୍ୱାରା ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ ୬ଟି ଚାଲୁ ରହିଥିବା ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ଗୋଟିଏ ଯୁଗ୍ମ ଜଳ ବିଦ୍ୟୁତ୍ ପ୍ରକଳ୍ପ ସହିତ ସଫଳତାର ସହ କାର୍ଯ୍ୟକରୁଛି । ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଦ୍ୱାରା ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପର ସମ୍ପ୍ରସାରଣ କାର୍ଯ୍ୟ ହାତକୁ ନିଆଯାଇଛି । ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ତାପଜ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ଏହା ଶତକଡ଼ା ୮୦ ଭାଗରୁ ଊର୍ଦ୍ଧ୍ୱ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଭାବରେ ନିରବଚ୍ଛିନ୍ନ କାର୍ଯ୍ୟ କରୁଛି । ୨୦୦୪-୨୦୦୫ ବର୍ଷରେ ଏହା ଶତକଡ଼ା ୧୨.୫ ହାରରେ ୬୧.୨୮ କୋଟି ଟଙ୍କା ଲାଭାଂଶ ଘୋଷଣା କରିଛି । ଅଧିକ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ପ୍ରତ୍ୟେକ ୨୫୦ ମେଗାୱାଟ୍ କ୍ଷମତା ସଂପନ୍ନ ଆଉ ଅଧିକ ଦୁଇଟି ୟୁନିଟ୍ ସ୍ଥାପନ ନିମନ୍ତେ ପରିକଳ୍ପନା ଏବଂ ବ୍ୟବସ୍ଥିତ ନିରୂପିତ ଯୋଜନା କ୍ଷେତ୍ରରେ ଅଗ୍ରଗତି ଘଟିଛି । ଏହାର ନିର୍ମାଣ କାର୍ଯ୍ୟ ୨୦୦୫-୨୦୦୬ ଆର୍ଥିକ ବର୍ଷର ତୃତୀୟ ଭାଗରେ ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଏହା ୨୦୦୮-୨୦୦୯ ଆର୍ଥିକ ବର୍ଷର ଦ୍ୱିତୀୟ ଭାଗରେ ବ୍ୟବସାୟିକ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ଆଶା ରହିଛି ।

ଗ୍ରୀଡ୍‌କୋ ବଳକା ବିଦ୍ୟୁତ୍‌କୁ ଅନ୍ୟରାଜ୍ୟକୁ ବ୍ୟବସାୟିକ ଭିତ୍ତିରେ ବିତରଣ କରିବା କାର୍ଯ୍ୟ ଆରମ୍ଭ କରିଅଛି । ୨୦୦୩-୨୦୦୪ ବର୍ଷରେ ଏହା ସର୍ବମୋଟ ୬୩୮ କୋଟି ଟଙ୍କାର ବିଦ୍ୟୁତ୍ ରାଜସ୍ୱ ଏହି ବ୍ୟବସାୟରୁ ଆଦାୟ କରିପାରିଛି । ୨୦୦୪ ମସିହାର ଏପ୍ରିଲ୍‌ରୁ ଅଗଷ୍ଟ ମାସ ମଧ୍ୟରେ ଗ୍ରୀଡ୍‌କୋ ୫୩୧.୫୪ କୋଟି ଟଙ୍କା ଏ ବାବଦରେ ଆଦାୟ କରିପାରିଛି । ମୋ ସରକାର ରାଜ୍ୟରେ ତ୍ୱରାନ୍ୱିତ ବିଦ୍ୟୁତ୍ ବିକାଶ ଏବଂ ସଂସ୍କାର କାର୍ଯ୍ୟକ୍ରମ ଯୋଜନା ନିମନ୍ତେ ଭାରତ ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ଯୋଜନାର କାର୍ଯ୍ୟକାରୀ ସଂସ୍ଥା ଭାବେ ଘରୋଇ ବିତରଣ ସଂସ୍ଥା ରହୁଥିବାରୁ ସେମାନେ ଏହାର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ଚୁକ୍ତିନାମା ଦ୍ୱାରା ଚୁକ୍ତିବଦ୍ଧ ହୋଇଛନ୍ତି । ଏହି ଯୋଜନାରେ ରାଜ୍ୟରେ ୫୯୨.୨୨ କୋଟି ଟଙ୍କା ବ୍ୟୟ ଅଟକଳରେ ୭ ଗୋଟି ପ୍ରକଳ୍ପ

ସ୍ଥାପନ ପାଇଁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ରାଜ୍ୟରେ ଏହି ତ୍ୱରାନ୍ୱିତ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଏବଂ ସଂସ୍କାର କାର୍ଯ୍ୟକ୍ରମ ଯୋଜନାର କାର୍ଯ୍ୟକାରିତା ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୪.୩୫ କୋଟି ଟଙ୍କା ଘରୋଇ ବିଦ୍ୟୁତ୍ ବିତରଣ କମ୍ପାନୀଙ୍କୁ ପ୍ରଦାନ କରାଯାଇଛି ।

**୧୩.** ମୋ ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ କିଛି ବର୍ଷ ମଧ୍ୟରେ ଖଣି ରାଜସ୍ୱ ଆଦାୟ ପରିମାଣ ବୃଦ୍ଧି ଘଟିଛି । ଚଳିତ ଆର୍ଥିକ ବର୍ଷରେ ମୋ ସରକାର ଖଣି ରାଜସ୍ୱ ବାବଦକୁ ୬୧୮.୭୦ କୋଟି ଟଙ୍କା ଆଦାୟ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଓଡ଼ିଶା ଖଣି ନିଗମ ଲିମିଟେଡ୍ ବର୍ତ୍ତମାନ ଏକ ଋଣମୁକ୍ତ ଲାଭଦାୟକ ସାଧାରଣ ଉଦ୍ୟୋଗ ଭାବେ ପରିଚିତ ହୋଇ ୨୦୦୫ ବର୍ଷ ସୁଦ୍ଧା ୫୭୦ କୋଟି ଟଙ୍କାର ଖଣିଜ ସମ୍ପଦ ବ୍ୟବସାୟର ଲକ୍ଷ୍ୟ ରଖିଛି ।

ମୋ ସରକାର ରାଜ୍ୟରେ ଖଣିଜଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଖଣି ଲିଜ ପ୍ରଦାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି ଯଦ୍ଦ୍ୱାରାକି ଅଧିକ କର୍ମନିଯୁକ୍ତି ହେବା ସଂଗେସଂଗେ ଏହା ଦ୍ରୁତ ଶିଳ୍ପାୟନର ଧାରାକୁ ଅବ୍ୟାହତ ରଖିବ । ଏ ଦିଗରେ ମୋ ସରକାର ଏକ ରାଜ୍ୟ ଖଣି ନୀତି ଖୁବ୍ ଶୀଘ୍ର ପ୍ରବର୍ତ୍ତନ କରିବାକୁ ଯାଉଛନ୍ତି । ଖଣି କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ମୋ ସରକାର ଓଡ଼ିଶା ଗ୍ରାମ୍ୟ ଭିତ୍ତିଭୂମି ଏବଂ ସାମାଜିକ ଅର୍ଥନୈତିକ ଅଧିନିୟମ ୨୦୦୫ ପ୍ରଣୟନ କରିଛନ୍ତି, ଫଳରେ ଏଭଳି ଅଭିବୃଦ୍ଧି ପାଇଁ ଏହା ଅଧିକ ସମ୍ବଳ ସଂଗ୍ରହ କରିପାରିବ ।

**୧୪.** ପୁଞ୍ଜି ନିବେଶକାରୀଙ୍କ ପାଇଁ ମୋ ସରକାର ରାଜ୍ୟରେ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ଦୃଢ଼ ପରିକର । ମୋ ସରକାର ଅଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ଏକକ ବାତାୟନ ସୁବିଧା ବ୍ୟବସ୍ଥା ପ୍ରଚଳନ କରିବା ନିମନ୍ତେ ଓଡ଼ିଶା ଶିଳ୍ପ (ପ୍ରୋତ୍ସାହନ) ଅଧିନିୟମ, ୨୦୦୪ ପ୍ରବର୍ତ୍ତିତ କରିଛନ୍ତି ।

ବିପୁଳ ଖଣିଜ ସଂପଦରେ ଓଡ଼ିଶା ଭରପୂର । ଘରୋଇ ଉଦ୍ୟୋଗରେ ଖଣିଜଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ମୋ ସରକାର ସମସ୍ତ ସହଯୋଗ କରିବା ପାଇଁ ବଦ୍ଧପରିକର । ଇସ୍ପାତ

ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ପ୍ରମୁଖ କେନ୍ଦ୍ରସ୍ଥଳୀ ରୂପେ ଉଭା ହେଉଛି । ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଆନୁମାନିକ ୫୦,୦୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ୨୭ରୁ ଊର୍ଦ୍ଧ୍ୱ ଅଧିକ ବୃହତ୍ ପ୍ରକଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି । ଏହିସବୁ ବୃହତ୍ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଅନେକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି ଏବଂ ଆଗାମୀ ଚାରି ବର୍ଷ ମଧ୍ୟରେ ରାଜ୍ୟର ଇସ୍ପାତ ଉତ୍ପାଦନ ବାର୍ଷିକ ୩୦ ନିୟୁତ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇବ, ଯାହାକି ରାଜ୍ୟରେ ପ୍ରାୟ ୫୦,୦୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଦକ୍ଷିଣ କୋରିଆର ପୋସ୍କୋ କମ୍ପାନୀ ୧୦ ବିଲିୟନ ଆମେରିକୀୟ ଡଲାର ପୁଞ୍ଜି ବିନିଯୋଗରେ ଏକ ସମନ୍ୱିତ ଇସ୍ପାତ କାରଖାନା ରାଜ୍ୟରେ ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ କରିଛି । ଏହା ହେବ ଦେଶର ସର୍ବାଧିକ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ କରୁଥିବା ଏକ ଉଦ୍ୟୋଗ । ଆଲୁମିନିୟମ କ୍ଷେତ୍ରରେ ମଧ୍ୟ ଅନେକଗୁଡ଼ିଏ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ କଂପାନୀ ପ୍ରାୟ ୨୫,୦୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ପାଇଁ ପ୍ରସ୍ତାବ ଦେଇଛନ୍ତି ଯାହାକି ପ୍ରାୟ ୧୦,୦୦୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁବିଧା ଦେବ ।

୨୦୦୯-୨୦୧୦ ସୁଦ୍ଧା ପାରାଦୀପଠାରେ ଏକ ତୈଳ ବିଶୋଧନାଗାରର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ମୋ ସରକାର ଗତ ତା୧୬.୨.୨୦୦୪ରିଖରେ ଭାରତୀୟ ତୈଳ ନିଗମ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଭାରତୀୟ ତୈଳ ନିଗମ ଦ୍ୱାରା ୨୦୦୦୦-୨୫୦୦୦ କୋଟି ଟଙ୍କାକୁ ପୁଞ୍ଜି ନିବେଶ ବୃଦ୍ଧି କରି ବାର୍ଷିକ ୯ ମେଟ୍ରିକ୍ ଟନ୍‌ରୁ ୧୫ ମେଟ୍ରିକ୍ ଟନ୍ ତୈଳ ଉତ୍ପାଦନ ବୃଦ୍ଧି ପାଇଁ ଆଶା ରଖିଛନ୍ତି । ଉକ୍ତ ପ୍ରକଳ୍ପ ଦ୍ୱାରା ୧୦୦୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଶିଳ୍ପଗୁଡ଼ିକ ପାଇଁ ଆବଶ୍ୟକୀୟ ବୈଷୟିକ ମାନବ ସମ୍ବଳ ଯୋଗାଇବା ଉଦ୍ଦେଶ୍ୟରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ପ୍ରତିବର୍ଷ ପ୍ରାୟ ୭୦୦୦ ଛାତ୍ରଛାତ୍ରୀ ବିଭିନ୍ନ ବୈଷୟିକ/ ଧନ୍ଦାମୂଳକ ଡିଗ୍ରୀ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେଉଛନ୍ତି । ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ବାର୍ଷିକ ପ୍ରାୟ ୧୨୦୦୦କୁ ବୃଦ୍ଧି ପାଇବ ।

ମୋ ସରକାର ରାଜ୍ୟରେ ହସ୍ତଶିଳ୍ପର ବିକାଶ ଲାଗି ଯଥୋଚିତ ଧ୍ୟାନ ଦେଉଛନ୍ତି ।

ଗ୍ରାମ୍ୟ କାରିଗରମାନଙ୍କୁ ଆତ୍ମନିଯୁକ୍ତି ଯୋଗାଇ ଦିଆଯିବା ସକାଶେ ଦଳଗତ ଉନ୍ନୟନ ଆଭିମୁଖ୍ୟ ସହ ସ୍ୱୟଂ ସହାୟକ ଗୋଷ୍ଠୀମାନ ଗଠନ କରାଯାଇଛି । ହସ୍ତଶିଳ୍ପ ଉତ୍ପାଦନ କ୍ଷେତ୍ରରେ କାରୀଗରମାନଙ୍କ ଉନ୍ନତି ବିଧାନ ପାଇଁ ପରିବର୍ତ୍ତିତ ଦୀର୍ଘମିଆଦୀ କାର୍ଯ୍ୟ ଯୋଜନା ଏବଂ ଅତିରିକ୍ତ କେନ୍ଦ୍ରୀୟ ସହାୟତା ଯୋଜନା ମାଧ୍ୟମରେ ଦକ୍ଷତା ବଢ଼ାଇବା ତାଲିମ, ଉତ୍ପାଦନର ମାନ ବଢ଼ାଇବା, ଋଣ ଯୋଗାଣ ତଥା ବିକ୍ରୟ ବ୍ୟବସ୍ଥା ସୃଷ୍ଟି କରାଯାଉଛି । ୨୦୦୪-୨୦୦୫ ଆର୍ଥିକ ବର୍ଷରେ ୧୯୯୯୭ ବେକାର ଯୁବକଯୁବତୀଙ୍କୁ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ଆତ୍ମନିଯୁକ୍ତି ସହାୟତା ଯୋଗାଇ ଦିଆଯାଇଛି । ଏହି ସମୟ ମଧ୍ୟରେ ୧୯୧୧୦ ଲକ୍ଷ ଟଙ୍କା ବିନିମୟରେ ୪୦୫୮ ଗୋଟି କ୍ଷୁଦ୍ରଶିଳ୍ପ ସଂସ୍ଥା ସ୍ଥାପନ କରାଯାଇ ୨୦,୪୭୮ ଜଣ ବ୍ୟକ୍ତିଙ୍କୁ ଆତ୍ମନିଯୁକ୍ତି ସୁବିଧା ଦିଆଯାଇଛି ।

**୧୫.** ହସ୍ତତନ୍ତ ଓଡ଼ିଶାର ଏକ ବିଶେଷ ପାରମ୍ପରିକ କୁଟୀର ଶିଳ୍ପ ରୂପେ ପରିଗଣିତ । କୃଷି ପରେ ଏହା ସର୍ବାଧିକ ନିଯୁକ୍ତି ଯୋଗାଇଥାଏ । ଓଡ଼ିଶାରେ ହସ୍ତତନ୍ତ ସାମଗ୍ରୀ ସମଗ୍ର ଦେଶ ଓ ବିଦେଶରେ ଏହାର ଉଚ୍ଚ କଳାତ୍ମକ ଡିଜାଇନ୍, ରଙ୍ଗର ସମ୍ମିଶ୍ରଣ, ଉଚ୍ଚମାନର କାରିଗରୀ ତଥା ସ୍ଥାୟୀତ୍ୱ ପାଇଁ ପ୍ରସିଦ୍ଧି ଲାଭ କରିଛି । ଏହି କ୍ଷେତ୍ରରେ ୨୦୦୪-୨୦୦୫ ଆର୍ଥିକ ବର୍ଷରେ ସମୁଦାୟ ୧,୦୧,୨୮୪ ଜଣ ଲୋକଙ୍କୁ ଦୀର୍ଘସୂତ୍ରୀ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଇଛି । ଏବେ ୨୦୦୫-୨୦୦୬ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୧,୩୩,୫୦୬କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ହସ୍ତତନ୍ତ କ୍ଷେତ୍ରରେ ଆଧୁନିକ ତନ୍ତ ଓ ଆନୁଷଙ୍ଗିକ ଯନ୍ତ୍ରପାତି, ତନ୍ତ ଗୃହଗୁଡ଼ିକର ବିଦ୍ୟୁତକରଣ, ବୁଣାକାରଙ୍କୁ ତାଲିମ ପ୍ରଦାନ, ବୁଣାକାରମାନଙ୍କୁ ସହଜ ଓ ସୁବିଧାରେ ଋଣ ଯୋଗାଣ, ଯୁଗୋପଯୋଗୀ ବୈଷୟିକ କଳାକୁଶଳତାର ଉନ୍ନତି, ବଜାରରେ ବିକ୍ରିବଟାର ସୁବିଧା, ସାମାଜିକ ସୁରକ୍ଷା ଏବଂ ହସ୍ତତନ୍ତ ବୁଣାକାରମାନଙ୍କୁ ବିଭିନ୍ନ କଲ୍ୟାଣକର ଯୋଜନାରେ ସାମିଲ କରାଇ ହସ୍ତତନ୍ତ କ୍ଷେତ୍ରକୁ ଅଧିକ ସଂଗଠିତ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି । ହସ୍ତଶିଳ୍ପ କ୍ଷେତ୍ରରେ ପ୍ରଚଳିତ କାର୍ଯ୍ୟକ୍ରମ ତଥା ନୂତନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଛନ୍ତି ।

**୧୬.** ମୋ ସରକାର ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ

କରିଛନ୍ତି । ପ୍ରମୁଖ ସୂଚନା ପ୍ରଯୁକ୍ତି କମ୍ପାନୀ ଟିସିଏସ୍ ଏବଂ ଉଇପ୍ରୋ ଭୁବନେଶ୍ୱର ଇନ୍‌ଫୋସିଟିଠାରେ ସଫ୍‌ଟୱେୟାର ବିକାଶ ତଥା ବିପିଓ ସେଣ୍ଟରମାନ ସ୍ଥାପନ କରିବା ପାଇଁ ସରକାରଙ୍କ ସହ ବୁଝାମଣପତ୍ର ସ୍ୱାକ୍ଷର କରିଛନ୍ତି । ଏହି କେନ୍ଦ୍ରଗୁଡ଼ିକ ରାଜ୍ୟର ୨୦୦୦ରୁ ଅଧିକ ସଫ୍‌ଟୱେୟାର ପେଶାଦାର ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଯୋଗାଇବା ସହ ପରୋକ୍ଷ ଭାବେ ମଧ୍ୟ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ବିଜିନେସ ପ୍ରୋସେସ୍ ଆଉଟସୋର୍ସିଂ ଉଦ୍ୟୋଗ କ୍ଷେତ୍ରରେ ମୋ ସରକାର ନୂତନ ମାନବ ସମ୍ବଳ ସୃଷ୍ଟିକରି ଏହି କ୍ଷେତ୍ରରେ ଆଗକୁ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗକୁ ସଦୁପଯୋଗ କରିପାରିବେ । ଏକାଦଶ ଅର୍ଥ ଆୟୋଗ ଦ୍ୱାରା ପ୍ରଦତ୍ତ ଆର୍ଥିକ ସହାୟତାରେ ଓଡ଼ିଶାର ୪୨୫ଟି ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷାଦାନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି । ମୋ ସରକାର ଭାରତ ସରକାରଙ୍କ ସହଯୋଗରେ ଅଷ୍ଟମ ଜାତୀୟ ଇ-ପ୍ରଶାସନ ସମ୍ମିଳନୀ ଭୁବନେଶ୍ୱରରେ ସଫଳତାର ସହ ଅନୁଷ୍ଠିତ କରାଇଛନ୍ତି । ଉକ୍ତ ସମ୍ମିଳନୀ ରାଜ୍ୟର ଇ-ପ୍ରଶାସନ କ୍ଷେତ୍ରରେ ଚାଲିଥିବା ଉଦ୍ୟମକୁ ଅଧିକ ଆଗେଇ ନେବ । ଏହି ପରିପ୍ରେକ୍ଷୀରେ ମୋ ସରକାର ହାଇଦ୍ରାବାଦର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ମାର୍ଟ ଗଭର୍ଣ୍ଣମେଣ୍ଟ ସହିତ ମିଶି ଓଡ଼ିଶାରେ ଇ-ପ୍ରଶାସନ ପ୍ରବର୍ତ୍ତନ ପାଇଁ ଏକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଓଡ଼ିଶାରେ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ପାଇଁ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

**୧୭.** ମୋ ସରକାର ନୂତନ କ୍ଷେତ୍ରରେ ବିଜ୍ଞାନ ଏବଂ କାରିଗରୀ କୌଶଳର ସଫଳ ପ୍ରୟୋଗ ପାଇଁ ଗୁରୁତ୍ୱାରୋପ କରୁଛନ୍ତି । ରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଗ୍ରାମ୍‌ସାଟ୍ ଯୋଜନା ମାଧ୍ୟମରେ ଉପଗ୍ରହ ଯୋଗାଯୋଗ ସୁବିଧା ଯୋଗାଇ ଦିଆଯାଇଛି । ଜୈବ ପ୍ରଯୁକ୍ତି ବିଦ୍ୟାର ପ୍ରସାର ନିମନ୍ତେ ବିଜ୍ଞାନ ଓ କାରିଗରୀ ବିଭାଗ ଅଧୀନରେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏକ ସମନ୍ୱୟକାରୀ ଜୈବ ପ୍ରଯୁକ୍ତି ସେଲ୍ ଗଠନ କରାଯାଇଛି । ଏହି ସେଲ୍ ଓଡ଼ିଶାର ପ୍ରଗତି କ୍ଷେତ୍ରରେ ଜୈବ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ସମ୍ଭାବନା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଭାରତ ସରକାରଙ୍କ ଜୈବ ପ୍ରଯୁକ୍ତି ବିଭାଗର ମିଳିତ ସହଯୋଗରେ ଆୟୋଜନ କରିଥିଲେ । ଜୈବ ପ୍ରଯୁକ୍ତି ବିଦ୍ୟାର ଉଦ୍ୟୋଗୀମାନଙ୍କ ସହାୟତା ନିମନ୍ତେ ତଥା ଆନୁଷଙ୍ଗିକ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ୨୦୦ ଏକର ବିଶିଷ୍ଟ ଏକ ଜୈବ ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା

କରିବାର ପ୍ରସ୍ତାବ ରହିଛି । ଏହି ନୂତନ ସମ୍ଭାବନାମୟ କ୍ଷେତ୍ରରେ ମାନବ ସମ୍ବଳର ସଫଳ ବିନିଯୋଗ ପାଇଁ ମୋ ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଗୋଟିଏ ଔଷଧୀୟ ବୃକ୍ଷ ଗବେଷଣା କେନ୍ଦ୍ର ଏମ୍.ଏସ୍. ସ୍ୱାମୀନାଥନ୍ ଫାଉଣ୍ଡେସନ ସଂସ୍ଥା ପକ୍ଷରୁ କୋରାପୁଟ ଜିଲ୍ଲାରେ ପ୍ରତିଷ୍ଠା କରାଯାଇଛି । ସମଗ୍ର ଦେଶ ମଧ୍ୟରେ ଭୁବନେଶ୍ୱରଠାରେ ଏକ ଉନ୍ନତମାନର ନ୍ୟାସନାଲ୍ ଇନିଷ୍ଟିଚ୍ୟୁଟ୍ ଫର୍ ଆଡଭାନ୍ସଡ୍ ମ୍ୟାଟେରିଆଲ ଆଣ୍ଡ୍ ଆପ୍ଲିକେସନ୍ ସେଣ୍ଟର ପ୍ରତିଷ୍ଠା ପାଇଁ ମୋ ସରକାର କେନ୍ଦ୍ର ସରକାରଙ୍କ ସହ ପ୍ରୟାସ ଜାରି ରଖିଛନ୍ତି ।

୧୮. ମୋ ସରକାର ଗ୍ରାମୀଣ ଅର୍ଥନୀତିକୁ ଅଧିକ ସମୃଦ୍ଧ କରିବା ପାଇଁ ଗ୍ରାମ ସଂଯୋଗୀକରଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ମୋ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଯାତାୟାତ ସୁବିଧା ନଥିବା ଅଞ୍ଚଳଗୁଡ଼ିକ ପାଇଁ ୨୯୬୭ କି.ମି. ସବୁଦିନିଆ ରାସ୍ତା ନିର୍ମାଣ ଦ୍ୱାରା ଗମନାଗମନର ସୁବିଧା ପ୍ରଦାନ କରିଛନ୍ତି । ଏତଦ୍‌ବ୍ୟତୀତ, ଆହୁରି ୧୧୭୨ଟି ଜନବସତିକୁ ସଂଯୋଗ କରିବା ପାଇଁ ୧୮୦୬ କି.ମି. ରାସ୍ତା ନିର୍ମାଣ କ ର ା ଯ ା ଉ ଛ ି । ୨୦୦୪-୨୦୦୫ ଆର୍ଥିକ ବର୍ଷରେ ୧୦୭ଟି ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ନାବାର୍ଡ଼ ସହାୟତାରେ ୧୦୩ଟି ସେତୁ ଏବଂ ୩୨୭ କି.ମି. ରାସ୍ତାର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ଉପରୋକ୍ତ ସହାୟତା ମାଧ୍ୟମରେ ଆହୁରି ୪୦ଟି ସେତୁ ଏବଂ ୨୮୮ କି.ମି. ରାସ୍ତା ୨୦୦୫-୨୦୦୬ ଆର୍ଥିକ ବର୍ଷରେ ନିର୍ମାଣ ହେବାର ପ୍ରସ୍ତାବ ରହିଛି । ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟକାରୀ ଯୋଜନା ମାଧ୍ୟମରେ ୨୦୦୪-୨୦୦୫ ଆର୍ଥିକ ବର୍ଷରେ କେ.ବି.କେ. ଜିଲ୍ଲାଗୁଡ଼ିକରେ ସମୁଦାୟ ୧୩ ଗୋଟି ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ୯ ଗୋଟି ସେତୁର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ୨୦୦୫-୨୦୦୬ ଆର୍ଥିକ ବର୍ଷରେ ୮ ଗୋଟି ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର କାର୍ଯ୍ୟକ୍ରମ ରହିଛି ।

ମୋ ସରକାର ଗ୍ରାମାଞ୍ଚଳରେ ରହିଥିବା ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାର ଉନ୍ନତି ବିଧାନ ପାଇଁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି । ୨୦୦୪-୨୦୦୫ ଆର୍ଥିକ ବର୍ଷରେ ସମୁଦାୟ ୫୬୫୩ଟି ନଳକୂପ ଏବଂ ୩୯୦ ଗୋଟି ବିଶୁଦ୍ଧଜଳ କୂପ ସ୍ଥାପନ କରାଯାଇଛି । ଏହାଛଡ଼ା ୪୩ ଗୋଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ମଧ୍ୟ ସଂପୂର୍ଣ୍ଣ ହୋଇଛି ।

ଗ୍ରାମାଞ୍ଚଳର ୨,୦୧୮ ଗୋଟି ପ୍ରାଥମିକ ବିଦ୍ୟାଳୟରେ ଏହି ପାଇପ୍ ଲାଇନ ସଂଯୋଗକୁ ସମ୍ପ୍ରସାରିତ କରି କେତେକ ବିଦ୍ୟାଳୟ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ସ୍ଥଳେ ଅଥବା କେତେକ ବିଦ୍ୟାଳୟରେ ନଳକୂପ ସ୍ଥାପିତ ହୋଇଛି । ୨୦୦୫-୨୦୦୬ ବର୍ଷରେ ୧୧,୪୯୫ ଗୋଟି ନଳକୂପ, ୫୫୦ ଗୋଟି ବିଶୁଦ୍ଧ ଜଳ କୂପ ସହିତ ୨୫୦ ଗୋଟି ପାଇପ ଲାଇନ୍ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ସହଯୋଗଭିତ୍ତିକ ଏବଂ ଗୋଷ୍ଠୀ ପରିଚାଳିତ 'ସ୍ୱଜଳଧାରା କାର୍ଯ୍ୟକ୍ରମ'ରେ ୮୩୩ ଗୋଟି ଜଳଯୋଗାଣ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି । ଏଥିମଧ୍ୟରୁ ୧୫୨ ଗୋଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ୬୮୧ ଗୋଟି ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି । ରାଜ୍ୟର ୧୫ ଗୋଟି ଜିଲ୍ଲାରେ ଚାଲୁ ରହିଥିବା ସମ୍ପୂର୍ଣ୍ଣ ପରିମଳ ଯୋଜନାକୁ ୪୪୦ କୋଟି ଟଙ୍କା ଖର୍ଚ୍ଚରେ ୩୦ ଗୋଟି ଜିଲ୍ଲାକୁ ସମ୍ପ୍ରସାରିତ କରାଯାଇ ପରିମଳ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯିବ ।

**୧୯.** ରାଜ୍ୟ ଯୋଗାଯୋଗ କ୍ଷେତ୍ରରେ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ପାଇଁ ରାଜ୍ୟ ରାଜପଥ, ଜାତୀୟ ରାଜପଥ, ଜିଲ୍ଲା ମୁଖ୍ୟ ରାସ୍ତା ତଥା ସେତୁଗୁଡ଼ିକର ନିର୍ମାଣ, ଉନ୍ନତିକରଣ, ଆବଶ୍ୟକୀୟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ୨୦୦୪-୨୦୦୫ ବର୍ଷରେ ୧୬,୫୧୪ ଲକ୍ଷ ଟଙ୍କା ବ୍ୟୟବରାଦରେ ୪୧ଟି ସେତୁ ପ୍ରକଳ୍ପ ଏବଂ ୫୨୧ କି.ମି. ରାସ୍ତାର ଉନ୍ନତି ବିଧାନ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ମୋ ସରକାର ବିଭିନ୍ନ ଯୋଜନାରେ ୨୦୦୫ ଜାନୁଆରୀ ଶେଷ ସୁଦ୍ଧା ସମୁଦାୟ ୧୦ ଗୋଟି ସେତୁ ଏବଂ ୪୩୪ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ନାବାର୍ଡ଼ ସଂସ୍ଥା ଆର୍.ଆଇ.ଡି.ଏଫ୍. ଯୋଜନା ମାଧ୍ୟମରେ ୧୦୦ ଗୋଟି ସେତୁ ଏବଂ ୬୪ଟି ରାସ୍ତାର ଉନ୍ନତି ବିଧାନ ପାଇଁ ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି । ଏହି ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୨୦୦୫ ଜାନୁଆରୀ ଶେଷ ସୁଦ୍ଧା ୬୨ ଗୋଟି ସେତୁ ଏବଂ ୧୪ ଗୋଟି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ୨୦୦୫-୨୦୦୬ ଆର୍ଥିକ ବର୍ଷରେ ୩୩.୬୬ କୋଟି ଟଙ୍କା ବିନିଯୋଗ କରାଯାଇ ୨୫ ଗୋଟି ସେତୁ ଏବଂ ୩୦ ଗୋଟି ରାସ୍ତା ନିର୍ମାଣ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାର ପ୍ରସ୍ତାବ ରହିଛି । କେନ୍ଦ୍ରୀୟ ସଡ଼କ ପାଣ୍ଠି ମାଧ୍ୟମରେ କେନ୍ଦ୍ର ସରକାର ଓଡ଼ିଶାକୁ ୭୬.୦୫ କୋଟି ଟଙ୍କା ଯୋଗାଇ

ଦେଇଥିଲେ । ତନ୍ମଧ୍ୟରୁ ୨୦୦୫ ଜାନୁଆରୀ ସୁଦ୍ଧା ୧୦ଟି ସେତୁ ଏବଂ ୮୦ ଗୋଟି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ମୋ ସରକାର କଟକ-ପାରାଦୀପ ରାସ୍ତାର ଉନ୍ନତିକରଣ ପାଇଁ ଅତିରିକ୍ତ ୨୫.୯୨ କୋଟି ଟଙ୍କା ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ।

କେ.ବି.କେ. ଜିଲ୍ଲାଗୁଡ଼ିକରେ ଭିତ୍ତିଭୂମିର ବିକାଶ ପାଇଁ ମୋ ସରକାର ଫଳପ୍ରଦ ପଦକ୍ଷେପ ନେଇଛନ୍ତି । ଭାରତ ସରକାର ଅତିରିକ୍ତ କେନ୍ଦ୍ରୀୟ ସହାୟତା/ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ACA/SCA) ମାଧ୍ୟମରେ ୨୦୦୧-୨୦୦୨ରୁ ୨୦୦୪-୨୦୦୫ ଆର୍ଥିକ ବର୍ଷ ମଧ୍ୟରେ ସମୁଦାୟ ଯୋଗାଇ ଦେଇଥିବା ୪୬.୫୦ କୋଟି ଟଙ୍କା ବ୍ୟୟଅଟକଳରେ ପୂର୍ତ୍ତ ବିଭାଗ ୨୨ ଗୋଟି ସେତୁ ଏବଂ ୯୦ ଗୋଟି ରାସ୍ତା ନିର୍ମାଣ ପ୍ରକଳ୍ପ ହାତକୁ ନେଇଛନ୍ତି । ମୋ ସରକାର ଜେ.ବି.ଆଇ.ସି. ଆର୍ଥିକ ସହାୟତାରେ ୭୧୫ କୋଟି ଟଙ୍କା ବ୍ୟୟଅଟକଳରେ ୧୪ଟି ରାସ୍ତା ପ୍ରକଳ୍ପର ସମୁଦାୟ ୮୦୫ କି.ମି. ରାସ୍ତା ଉନ୍ନତିକରଣ ପାଇଁ ଏବଂ ବିଶ୍ୱବ୍ୟାଙ୍କ ଆର୍ଥିକ ସହାୟତାରେ ୧୬୪୨ କୋଟି ଟଙ୍କା ବ୍ୟୟଅଟକଳରେ ୨୭ଟି ରାସ୍ତା ପ୍ରକଳ୍ପର ସମୁଦାୟ ୨୧୯୭ କି.ମି. ରାସ୍ତାର ଉନ୍ନତିକରଣର ଏକ ପ୍ରସ୍ତାବ ଭାରତ ସରକାରଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଇଛନ୍ତି । ମୋ ସରକାର ଆଦିବାସୀ ଏବଂ ନକ୍ସଲ ପ୍ରବଣ ଅଞ୍ଚଳର ବିଜୟୱାଡ଼ା-ରାଞ୍ଚି ରାସ୍ତାର ଅଂଶ ସ୍ୱରୂପ ମୋଟୁକୁ ରାଇରଙ୍ଗପୁର ସହିତ ସଂଯୋଗ କରି ଏହାକୁ ଜାତୀୟ ରାଜପଥ ମାନ୍ୟତା ଦେବାକୁ ଆଗ୍ରହୀ । ଏହି ପ୍ରସ୍ତାବ ସମ୍ପର୍କରେ ଭାରତ ସରକାରଙ୍କ ସହ ବିଚାର ଆଲୋଚନା ଜାରି ରହିଛି ।

**୨୦.** ଧାମରାରେ ଆନ୍ତର୍ଜାତୀୟ ମାନର ଏକ ବୃହତ୍ ବନ୍ଦର ସ୍ଥାପନ ପାଇଁ ମୋ ସରକାର ମେସର୍ସ ଆଇ.ଏସ୍.ପି. ଲିମିଟେଡ୍ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି ଏବଂ ଏଥିନିମନ୍ତେ ଅଧିଗ୍ରହଣ କରାଯାଇଥିବା ଜମି ଉକ୍ତ କମ୍ପାନୀକୁ ହସ୍ତାନ୍ତର କରାଯାଇଛି । ପ୍ରସ୍ତାବିତ ବନ୍ଦରର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି । ରାଜ୍ୟ ସରକାର ୧୩ ଗୋଟି କ୍ଷୁଦ୍ର ବନ୍ଦରର ଉନ୍ନତିକରଣ ପାଇଁ ଏକ ନୂତନ 'ବନ୍ଦର ନୀତି' ଗ୍ରହଣ କରିଛନ୍ତି । ରାଜ୍ୟର ସମସ୍ତ ସାମୁଦ୍ରିକ ବ୍ୟାପାରକୁ ଗୋଟିଏ ସ୍ଥାନରୁ ପରିଚାଳନା କରିବା ପାଇଁ ଓଡ଼ିଶା

ମେରିଟାଇମ୍ ବୋର୍ଡ଼ ଗଠନ ନିମନ୍ତେ ଏକ ବିଧେୟକ ଆଣିବା ପାଇଁ ପ୍ରସ୍ତାବ ରହିଛି ।

ମୋ ସରକାରଙ୍କ ଉଦ୍ୟମ ଯୋଗୁଁ ରାଜ୍ୟରେ ଥିବା ରେଳବାଇ ନେଟୱାର୍କର ବିକାଶ ତଥା ଯାତ୍ରୀମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟର ଉନ୍ନତି ବିଧାନ କରାଯାଇଛି । ୬ ଗୋଟି ନୂତନ ବ୍ରଡ୍‌ଗଜ୍ ରେଳ ସଂଯୋଗୀକରଣ କାର୍ଯ୍ୟ, ୧୨ ଗୋଟି ରେଳ ରାସ୍ତା ଦୋହରୀକରଣ ପ୍ରକଳ୍ପ, ୨ ଗୋଟି ଗଜ୍ ପରିବର୍ତ୍ତନ ଏବଂ ରେଳ ବିଦ୍ୟୁତ୍‌କରଣ କାର୍ଯ୍ୟ ଆଗେଇ ଚାଲିଛି । ରେଳବାଇ କର୍ତ୍ତୃପକ୍ଷ ନୂତନ ତାଳଚେର-ବିମଳାଗଡ଼ ବ୍ରଡଗଜ୍ ରେଳ ରାସ୍ତାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଭାରତ ସରକାରଙ୍କ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବୈଷୟିକ ଏବଂ ଅର୍ଥନୈତିକ ବ୍ୟବସ୍ଥାର ଅନୁଧ୍ୟାନ କରି କଟକ-ଭୁବନେଶ୍ୱର (ଚୌଦ୍ୱାରଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବିସ୍ତାରିତ ହେବାକୁ ଥିବା) ମଧ୍ୟରେ ଏକ ସମୂହ ଦ୍ରୁତ ପରିବହନ ବ୍ୟବସ୍ଥା ମଞ୍ଜୁର କରିଛନ୍ତି । ଅନୁଧ୍ୟାନ କାର୍ଯ୍ୟ ଆରମ୍ଭ ହୋଇଗଲାଣି ।

ପରିବହନ ବିଭାଗରେ ଇ-ପ୍ରଶାସନର ଅଂଶ ସ୍ୱରୂପ ରାଜ୍ୟ ପରିବହନ କର୍ତ୍ତୃପକ୍ଷ, ୧୦ ଗୋଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ୭ ଗୋଟି ତନଖି ଫାଟକରେ କମ୍ପ୍ୟୁଟରୀକରଣ କାର୍ଯ୍ୟ ଆଗେଇ ଚାଲିଛି ।

**୨୧.** ମୋ ସରକାର ରାଜ୍ୟରେ ଅର୍ଥନୈତିକ ବିକାଶ ତଥା ନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ପର୍ଯ୍ୟଟନକୁ ଏକ ଫଳପ୍ରଦ ମାଧ୍ୟମ ବୋଲି ବିଶ୍ୱାସ କରନ୍ତି । ରାଜ୍ୟରେ ଚିହ୍ନଟ କରାଯାଇଥିବା ୨୯୨ ଗୋଟି ସ୍ଥାନ ବ୍ୟତୀତ ଉପଲବ୍ଧ ସମ୍ବଳ ମଧ୍ୟରେ ସର୍ବାଧିକ ବିନିଯୋଗ କରାଯାଇ ପ୍ରସଙ୍ଗଭିତ୍ତିକ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ବିକାଶ ପାଇଁ ପ୍ରଚେଷ୍ଟା ଜାରି ରହିଛି । ପର୍ଯ୍ୟଟନସ୍ଥଳୀ ବିକାଶ ଯୋଜନାରେ ଧଉଳିଠାରେ ଏକ ଶାନ୍ତି ଉଦ୍ୟାନ ପ୍ରତିଷ୍ଠା, ପର୍ଯ୍ୟଟନ ବଳୟ ଯୋଜନାରେ ରତ୍ନଗିରି-ଲଳିତଗିରି-ଉଦୟଗିରି-ଲାଙ୍ଗୁଡ଼ିକୁ ନେଇ ଗଠିତ ବୌଦ୍ଧ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ଏବଂ ଗ୍ରାମ୍ୟ ପର୍ଯ୍ୟଟନ ପ୍ରକଳ୍ପ ଯୋଜନାରେ ପିପିଲିଠାରେ ପର୍ଯ୍ୟଟନ ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚିଲିକା, ଭିତରକନିକା ଏବଂ ଶିମିଳିପାଳଠାରେ ପ୍ରସ୍ତାବିତ ପରିବେଶ ପର୍ଯ୍ୟଟନର ବିକାଶ, ବରପାଲି, ତପ୍ତପାଣିଠାରେ

ଗ୍ରାମ୍ୟ ପର୍ଯ୍ୟଟନ ଏବଂ ପର୍ଯ୍ୟଟନ ଉନ୍ନୟନ ଯୋଜନାରେ ଗୋପାଳପୁର ବେଳାଭୂମିର ବିକାଶ ଆଦି ଯୋଜନା ବିଚାରାଧୀନ ଅଛି । ୨୦୦୪-୨୦୦୫ ବର୍ଷରେ ଆରମ୍ଭ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀକୁ ରାସ୍ତା ସଂଯୋଗୀକରଣ (୪୪ କୋଟି ଟଙ୍କା ବ୍ୟୟ ଅଟକଳ), କୋଣାର୍କ ସୂର୍ଯ୍ୟ ମନ୍ଦିରର ଚତୁଃପାର୍ଶ୍ୱ ବିକାଶ ଏବଂ ଖଣ୍ଡଗିରି ଗୁମ୍ଫାଗୁଡ଼ିକରେ ଶବ୍ଦ ଓ ଆଲୋକ କାର୍ଯ୍ୟକ୍ରମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୨୦୦୫-୨୦୦୬ ଆର୍ଥିକ ବର୍ଷରେ ପର୍ଯ୍ୟଟନ ବଳୟ ଯୋଜନାରେ ବରକୁଳ-ରମ୍ଭା-ସାତପଡ଼ା-ରାଜହଂସ-ସିପକୁଦର ବିକାଶ, ଗ୍ରାମ୍ୟ ପର୍ଯ୍ୟଟନ ଯୋଜନାରେ ଖିଚିଂ ଏବଂ ସଦେଇବେରଣୀ, ପର୍ଯ୍ୟଟନ ଉନ୍ନୟନ ଯୋଜନାରେ ଚାନ୍ଦିପୁରର ବିକାଶ ପାଇଁ ପ୍ରସ୍ତାବ ରଖାଯାଇଛି । ଆମ ରାଜ୍ୟର ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ସାମଗ୍ରୀର ଉତ୍ପାଦନ ଓ ବିକ୍ରୟ ପାଇଁ ମୋ ସରକାର ଫଳପ୍ରଦ ବ୍ୟବସ୍ଥା କରିଛନ୍ତି । ପ୍ରାଚୀନ ପୁରୀ ସହରର ପର୍ଯ୍ୟଟନ ଏବଂ ସାଂସ୍କୃତିକ ବିଭବକୁ ପ୍ରଦର୍ଶନ କରିବା ପାଇଁ ସେଠାରେ ଏକ ବିରାଟ ପର୍ଯ୍ୟଟନ ମହୋତ୍ସବର ଆୟୋଜନ କରାଯାଉଛି । ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଘଟାଇବା ପାଇଁ ବେସରକାରୀ ସଂସ୍ଥାର ଅଂଶଗ୍ରହଣକୁ ଉତ୍ସାହିତ କରାଯାଉଛି । ଏକ ଖ୍ୟାତି ସମ୍ପନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ଚାରୋଟି ସ୍ଥାନ ଯଥା- ଭୁବନେଶ୍ୱର, ପୁରୀ, କୋଣାର୍କ ଏବଂ ପାରାଦୀପଠାରେ ଉତ୍କୃଷ୍ଟ ବଜେଟ୍ ହୋଟେଲମାନ ନିର୍ମାଣ କରାଯିବ ।

**୨୨.** ଓଡ଼ିଶାର ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ରହିଛି । ମୋ ସରକାର ରାଜ୍ୟର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ସୁରକ୍ଷା ଏବଂ ଉନ୍ନତି ବିଧାନ ପାଇଁ ଲକ୍ଷ୍ୟ ରଖିଛନ୍ତି । ରାଜ୍ୟର ଅତୀତ ଗୌରବ ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର ଏବଂ ପ୍ରସାର ପାଇଁ ସରକାରଙ୍କ ଦ୍ୱାରା ଏକ ରାଜ୍ୟସ୍ତରୀୟ ସଂସ୍କୃତି ପାଣ୍ଠି ଗଠନ କରାଯାଇଛି । ରାଜ୍ୟର ଗୌରବମୟ ସାଂସ୍କୃତିକ ଐତିହ୍ୟର ପ୍ରସାର ପାଇଁ ତିନିବର୍ଷ ଧରି ଖଣ୍ଡଗିରିଠାରେ ସପ୍ତାହବ୍ୟାପୀ ଜାତୀୟ ଖାରବେଳ ଉତ୍ସବ ଅନୁଷ୍ଠିତ ହୋଇ ଆସୁଛି । ଜିଲ୍ଲାସ୍ତରରେ ଆୟୋଜନ କରାଯାଉଥିବା ସାଂସ୍କୃତିକ ଉତ୍ସବଗୁଡ଼ିକ ଲୋକମାନଙ୍କ ଦ୍ୱାରା ଆଦୃତ ହୋଇଛି । ଏହା ରାଜ୍ୟର ସମୃଦ୍ଧ ପାରମ୍ପରିକ ଅଭିନୟ କଳା ପ୍ରଦର୍ଶନ କରିବା ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପ୍ରସ୍ତୁତ କରିପାରିଛି । ଦୁଃସ୍ଥ କଳାକାରମାନଙ୍କୁ ପେନ୍‌ସନ୍ ପ୍ରଦାନ ଓ ଦୁର୍ଦ୍ଦଶାଗ୍ରସ୍ତ କଳାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଭୃତି ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ

ସହାୟତାରେ ଭୁବନେଶ୍ୱରଠାରେ 'କଳାମଣ୍ଡଳ' ନାମରେ ଏକ ବହୁମୁଖୀ ସାଂସ୍କୃତିକ ମଣ୍ଡପ ନିର୍ମାଣାଧୀନ ରହିଛି । ସଂସ୍କୃତିର ସାଂପ୍ରତିକ ଅନୁଭୂତି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥଙ୍କ ମହିମାର ପ୍ରଚାର ଓ ପ୍ରସାର ନିମନ୍ତେ ରାଜ୍ୟ ସରକାର 'ଶ୍ରୀଜଗନ୍ନାଥାୟନ' ନାମରେ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । ଲାଙ୍ଗୁଡ଼ି ଏବଂ ଅନ୍ୟାନ୍ୟ ସଂଲଗ୍ନ ପାହାଡ଼ଗୁଡ଼ିକର ଖନନ କରାଯାଇ ପୁଷ୍ପଗିରି ଓ ବୌଦ୍ଧ ବିହାର ସମେତ ଅଶୋକଙ୍କ ସମୟର ସ୍ତୂପ, ବ୍ରାହ୍ମୀଲିପି ଖୋଦିତ ଅଶୋକଙ୍କ ମୂର୍ତ୍ତି ଏବଂ ୪୦ଟି ପ୍ରସ୍ତର ଖୋଦିତ ଗୁମ୍ଫା ଆବିଷ୍କାର କରିବାରେ ମୋ ସରକାର ସକ୍ଷମ ହୋଇଛନ୍ତି । ଏହି ସ୍ତୂପ ଏବଂ ଗୁମ୍ଫାଗୁଡ଼ିକର ଐତିହାସିକ ଦୃଷ୍ଟିକୋଣରୁ ଯଥେଷ୍ଟ ଗୁରୁତ୍ୱ ରହିଛି । ଏହାଦ୍ୱାରା ରାଜ୍ୟକୁ ପୂର୍ବ ଏସୀୟ ଦେଶମାନଙ୍କରୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ । ମୋ ସରକାରଙ୍କ ପ୍ରଚେଷ୍ଟାରେ ରାଜ୍ୟର ୯୦୦ଟି ଐତିହ୍ୟ ସମ୍ପନ୍ନ ସ୍ଥାନ ଏବଂ ଭବନକୁ ପୁନରୁଦ୍ଧାର ଓ ସଂରକ୍ଷଣ କରାଯାଇଛି । ରାଜ୍ୟର ସାଂସ୍କୃତିକ ମାନଚିତ୍ର ଏବଂ ସାଂସ୍କୃତିକ ଆଟଲାସ ପ୍ରକାଶନ କରାଯାଇଛି । ନେତାଜୀଙ୍କ ଜନ୍ମ ସ୍ଥାନକୁ ଏକ ଜାତୀୟ ସ୍ତରର ସଂଗ୍ରହାଳୟରେ ପରିଣତ କରାଯାଇଛି ।

୨୩. ମୋ ସରକାର ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣକୁ ବିଶେଷଭାବେ ଅଗ୍ରାଧିକାର ଦେଉଛନ୍ତି । ୮୬ତମ ସମ୍ବିଧାନ ସଂଶୋଧନ ପ୍ରାଥମିକ ଶିକ୍ଷାକୁ ଏକ ମୌଳିକ ଅଧିକାର ରୂପେ ସାବ୍ୟସ୍ତ କରିଛି । ସାର୍ବଜନୀନ ପ୍ରାଥମିକ ଶିକ୍ଷାର ଲକ୍ଷ୍ୟ ହାସଲ ନିମନ୍ତେ ମୋ ସରକାର ଆସନ୍ତା ୨୦୧୦ ମସିହା ସୁଦ୍ଧା ୬ରୁ ୧୪ ବର୍ଷ ବୟସର ସମସ୍ତ ପିଲାଙ୍କୁ ଉପଯୋଗୀ ଗୁଣାତ୍ମକ ମାନର ଶିକ୍ଷାଦେବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରିଛନ୍ତି ।

ମୋ ସରକାର ୨୦୦୪-୨୦୦୫ ବର୍ଷରେ ଏହି ଯୋଜନାରେ ୧୪୦୪ଟି ନୂଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲି ୭୯,୬୩୦ ଜଣ ସ୍କୁଲ ଆସୁନଥିବା ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇ ପାରିଛନ୍ତି । ପ୍ରାଥମିକ ସ୍କୁଲରୁ ପଢ଼ାଛାଡ଼ି ଚାଲିଯାଉଥିବା ପିଲାମାନଙ୍କୁ ଶିକ୍ଷା ଦେବା ନିମନ୍ତେ ୧୮୦୨ଟି ନିଶ୍ଚିତ ଶିକ୍ଷାକେନ୍ଦ୍ର ଖୋଲାଯାଇ ୪୦,୪୦୫ ଜଣ ସ୍କୁଲ ପିଲାଙ୍କର ଗତବର୍ଷ ନାମ ଲେଖାଯାଇଛି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ୫ରୁ ୧୩ ବର୍ଷ ବୟସର ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ନାମଲେଖା ଏକ ଉଲ୍ଲେଖନୀୟ ସଫଳତା । ମୋ ସରକାର ଏକ

ଐତିହାସିକ ନିଯୁକ୍ତି ମେଳା ଆୟୋଜନ କରି ଗୋଟିଏ ଦିନ ତା.୧.୧.୨୦୦୫ରିଖରେ ୨୭୦୦୦ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକଙ୍କୁ ନିଯୁକ୍ତି ଦେବା ସମଗ୍ର ଦେଶରେ ଏକ ବିରଳ ଘଟଣା । ଅନ୍ୟୂନ ୪୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ଏବଂ ରାଜ୍ୟର ଦୂରଦୂରାନ୍ତରେ ଥିବା ସମସ୍ତ ସ୍କୁଲରେ ଶିକ୍ଷକ ନିଯୁକ୍ତି କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ବିଦ୍ୟାଳୟରେ ବାଳିକାମାନଙ୍କ ଉପସ୍ଥାନ ବୃଦ୍ଧି ପାଇଁ ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ୧୬୫ଟି ବ୍ଲକ୍‌ରେ ୨୮୬୮ଟି ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ବାଳିକାମାନଙ୍କୁ ଅଗ୍ରାଧିକାର ଦେବା ନିମନ୍ତେ ମୋ ସରକାର 'ନ୍ୟାସନାଲ ପ୍ରୋଗ୍ରାମ ଫର୍ ଏଜୁକେସନ ଅଫ୍ ଗାର୍ଲସ୍ ଆଟ୍ ଏଲିମେଣ୍ଟାରୀ ଲେଭଲ' ନାମରେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ବିଜୁ ପଟ୍ଟନାୟକ କମ୍ପ୍ୟୁଟର ସହାୟକ ଶିକ୍ଷା ଯୋଜନା ନାମରେ ଏକ ଅଭିନବ କାର୍ଯ୍ୟକ୍ରମ ଜରିଆରେ ପ୍ରଥମ ପର୍ଯ୍ୟାୟରେ ୬୦୦ ପ୍ରାଥମିକ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯାଇଛି । ସର୍ବଭାରତୀୟ ଢାଞ୍ଚା ଅନୁଯାୟୀ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ସାମିଲ କରିବା ନିମନ୍ତେ ୨୦୦୫ ମସିହାଠାରୁ ହାଇସ୍କୁଲ ପରୀକ୍ଷା ମାର୍ଚ୍ଚ ମାସ ପରିବର୍ତ୍ତେ ଫେବୃଆରୀ ମାସରେ ଆରମ୍ଭ କରାଯାଇଛି ।

**୨୪.** ଏକ ମୂଲ୍ୟବୋଧଭିତ୍ତିକ ସମାଜ ପ୍ରତିଷ୍ଠା ଏବଂ ନୂତନ ସହାସ୍ରାବ୍ଦୀର ଆହ୍ୱାନର ମୁକାବିଲା ପାଇଁ ମାନବ ସମ୍ବଳକୁ ପ୍ରସ୍ତୁତକରି ରାଜ୍ୟର ବିକାଶ ସାଧନ କ୍ଷେତ୍ରରେ ଉଚ୍ଚଶିକ୍ଷା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜାତୀୟ ଶିକ୍ଷା ବ୍ୟବସ୍ଥା ସହିତ ତାଳ ଦେଇ ୟୁ.ଜି.ସି.ର ନିର୍ଦ୍ଦେଶାବଳୀ ଅନୁସାରେ ରାଜ୍ୟରେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମକୁ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି । ମୋ ସରକାର ରାଜ୍ୟରେ ବୃତ୍ତିଗତ ଶିକ୍ଷାର ପ୍ରସାର ନିମନ୍ତେ ବି.ବି.ଏ., ଏମ୍.ସି.ଏ., ଆଇ.ଟି. ଏବଂ ବି.ଟି. ପାଠ୍ୟକ୍ରମ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ପ୍ରଚଳନ କରିଛନ୍ତି । ୨୦୦୪-୨୦୦୫ ଆର୍ଥିକ ବର୍ଷରେ ୩୯ଟି ଯୁକ୍ତ ଦୁଇ କଲେଜକୁ ବ୍ଲକ୍‌ଗ୍ରାଣ୍ଟ ଯୋଗାଇ ଦିଆଯାଇଛି । ସରକାରୀ କଲେଜଗୁଡ଼ିକର ଭିତ୍ତିଭୂମିର ଉନ୍ନୟନ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଓଡ଼ିଶାର ଏନ୍.ସି.ସି. ଶିକ୍ଷାର୍ଥୀମାନେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ରାଜ୍ୟରେ ବିଭିନ୍ନ କ୍ରୀଡ଼ା ଏବଂ ଯୁବ କାର୍ଯ୍ୟକ୍ରମର ଉନ୍ନତି ନିମନ୍ତେ ମୋ ସରକାର ସମସ୍ତ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ।

**୨୫.** ରାଜ୍ୟରେ ଲୋକମାନଙ୍କୁ ଏଲୋପାଥିକ୍, ହୋମିଓ ପାଥିକ, ଆୟୁର୍ବେଦ ଏବଂ ୟୁନାନୀ ଚିକିତ୍ସା ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟସେବା ଓ ଯତ୍ନ ଯୋଗାଇ ଦେବା ନିମନ୍ତେ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ବିଶ୍ୱବ୍ୟାଙ୍କ ସାହାଯ୍ୟପ୍ରାପ୍ତ 'ଓଡ଼ିଶା ହେଲ୍‌ଥସିଷ୍ଟମ ଡେଭେଲପମେଣ୍ଟ ପ୍ରୋଜେକ୍ଟ' ମାଧ୍ୟମରେ ରାଜ୍ୟର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣକୁ ତ୍ୱରାନ୍ୱିତ କରାଯାଇପାରିଛି ।

୨୦୦୫ ସୁଦ୍ଧା ରାଜ୍ୟରେ ଶିଶୁ ମୃତ୍ୟୁହାରକୁ ପ୍ରତି ଏକ ହଜାରରେ ୬୦କୁ ହ୍ରାସ କରିବା ପାଇଁ 'ଶିଶୁ ମୃତ୍ୟୁହାର ହ୍ରାସ ମିଶନ' ଜରିଆରେ ମୋ ସରକାର ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଦୂରାନ୍ତ ଗ୍ରାମାଞ୍ଚଳରେ ଘରେ ଜନ୍ମ ହେଉଥିବା ନବଜାତ ଶିଶୁମାନଙ୍କର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ନିମନ୍ତେ ଏବଂ ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତୁରନ୍ତ ପଠାଯିବା ନିମନ୍ତେ ସରକାର ଶିଶୁ ମୃତ୍ୟୁହ୍ରାସ ମିଶନ ଜରିଆରେ 'ନବଜ୍ୟୋତି' ନାମରେ ଏକ ଅଭିନବ ପ୍ରସ୍ତାବ ରଖିଛନ୍ତି । ସମଗ୍ର ରାଜ୍ୟରେ ଜନ୍ମଠାରୁ ୫ ବର୍ଷ ବୟସର ଶିଶୁମାନଙ୍କୁ ଜାତୀୟ ପଲସ ପୋଲିଓ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଷେଧକ ଟୀକା ଦିଆଯାଉଛି । ବାସ୍ତବରେ ୨୦୦୪ ବର୍ଷରେ ସମଗ୍ର ରାଜ୍ୟ ପୋଲିଓ ମୁକ୍ତ ରହିଥିଲା । ସାଧାରଣ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ରାଜ୍ୟରୁ ଡିସେମ୍ବର-୨୦୦୫ ମସିହା ସୁଦ୍ଧା କୁଷ୍ଠରୋଗର ବିଲୋପ ପାଇଁ 'ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ' ସକ୍ରିୟ ଭାବେ କାର୍ଯ୍ୟକାରୀ କରାଯାଉଛି । ୨୦୦୫-୨୦୦୬ ବର୍ଷରେ ରାଜ୍ୟରେ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମକୁ ସାଧାରଣ ସ୍ୱାସ୍ଥ୍ୟ ସେବା, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ପଞ୍ଚାୟତିରାଜ ବ୍ୟବସ୍ଥା ସହିତ ସମନ୍ୱିତ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ । ଯକ୍ଷ୍ମା, ଏଡ୍‌ସ, ମ୍ୟାଲେରିଆ, ଫାଇଲେରିଆ ଓ ଅନ୍ଧତ୍ୱ ପ୍ରଭୃତି ମାରାତ୍ମକ ରୋଗର ନିରାକରଣ ପାଇଁ ପ୍ରଚଳିତ ଜାତୀୟ କାର୍ଯ୍ୟକ୍ରମଗୁଡ଼ିକୁ ଅତି ଜୋର୍‌ଦାର୍ ଭାବେ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟର ୩ଟି ସରକାରୀ ମେଡ଼ିକାଲ କଲେଜ ହସପିଟାଲରେ ବାୟୋମେଡ଼ିକାଲ ବର୍ଜ୍ୟବସ୍ତୁ ପରିଚାଳନା କାରଖାନା ଓ ଇଣ୍ଟେନସିଭ୍‌କେୟାର ୟୁନିଟ୍ ପ୍ରତିଷ୍ଠା କରାଯାଉଛି । ଏକାଦଶ ଅର୍ଥ କମିଶନଙ୍କ ୨୪ କୋଟି ଟଙ୍କାର ଅନୁଦାନରେ ୨୦୦୫-୨୦୦୬ ଆର୍ଥିକ ବର୍ଷରୁ ୮ଟି ଆଞ୍ଚଳିକ ରୋଗ ନିରୂପଣ କେନ୍ଦ୍ର କାର୍ଯ୍ୟକ୍ଷମ ହେବ ।

**୨୬.** ରାଜ୍ୟରେ ଚଳିତ ଦଶନ୍ଧିରେ ସହରାଞ୍ଚଳର ଲୋକ ସଂଖ୍ୟା ଶତକଡ଼ା ୩୦ ଭାଗ

ବୃଦ୍ଧି ପାଇଛି । ସହରାଞ୍ଚଳକୁ ଅଧିକ ଲୋକଙ୍କ ଆଗମନ ଦ୍ୱାରା ଭିତ୍ତିଭୂମିର ବିକାଶ, ବିଶୁଦ୍ଧ ପାନୀୟ ଜଳ, ସ୍ୱେରେଜ୍ ବ୍ୟବସ୍ଥା ଏବଂ ଗୃହ ନିର୍ମାଣର ଆବଶ୍ୟକତା ବଢ଼ିଛି । ମୋ ସରକାର ସହର ବାସିନ୍ଦାମାନଙ୍କ ପାଇଁ ଉନ୍ନତ ନାଗରିକ ସେବା ପ୍ରଦାନ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ପରିମଳ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ରାଜ୍ୟର ୪.୨ ନିୟୁତ ସହରବାସୀଙ୍କୁ ପ୍ରତିଦିନ ପ୍ରାୟ ୬୫୧ ନିୟୁତ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି । କଟକ, ଜୟପୁର, ସମ୍ବଲପୁର ଏବଂ କେନ୍ଦ୍ରାପଡ଼ା ସହରରେ ହୁଡକୋ ଋଣ ସହାୟତାରେ ଓଡ଼ିଶା ୱାଟର ସପ୍ଲାଇ ଏବଂ ସ୍ୱେରେଜ ବୋର୍ଡ଼ ଜରିଆରେ ୪ ଗୋଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସଫଳତାର ସହିତ ସଂପୂର୍ଣ୍ଣ ହୋଇଛି । ରାଉରକେଲା ସହରର ଜଳଯୋଗାଣ ପ୍ରକଳ୍ପ ନିକଟରେ ସଂପୂର୍ଣ୍ଣ ହେବାକୁ ଯାଉଛି । ୨୦୦୫ ମାର୍ଚ୍ଚ ସୁଦ୍ଧା ଟିଟିଲାଗଡ଼, ଅନୁଗୁଳ ଏବଂ ତାଳଚେର ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହେବାକୁ ଯାଉଛି । ଜାତୀୟ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ବସ୍ତିବାସିନ୍ଦାମାନଙ୍କ ଜୀବନଧାରଣର ମାନର ଉନ୍ନତି ସାଧନ କରାଯାଉଛି । ରାଜ୍ୟର ସମସ୍ତ ପୌର ପରିଷଦର ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକ ବିଶେଷକରି ମହିଳା, ଅନୁସୂଚିତ ଜାତି, ଜନଜାତି, ଭିନ୍ନକ୍ଷମ ବ୍ୟକ୍ତି ମହିଳା କୈନ୍ଦ୍ରିକ ପରିବାରର ଉନ୍ନତି ନିମନ୍ତେ ମୋ ସରକାର 'ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା' କାର୍ଯ୍ୟକାରୀ କରୁଛନ୍ତି । ସହରାଞ୍ଚଳର ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କୁ ଆତ୍ମ ନିଯୁକ୍ତି ଯୋଗାଇ ଦେବା ନିମନ୍ତେ କିଓସ୍କ ଏବଂ ଦୋକାନଗୃହ ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ରାଜ୍ୟର ୨୧ ଗୋଟି ପୌରପରିଷଦର ଗରିବ ବସ୍ତିବାସିନ୍ଦାଙ୍କୁ ବାସଗୃହ ଯୋଗାଇ ଦେବା ନିମନ୍ତେ 'ବାଲ୍ମିକୀ ଆମ୍ବେଦକର ଆବାସ ଯୋଜନା' କାର୍ଯ୍ୟକାରୀ କରାଯାଇଛି ।

ମୋ ସରକାର କ୍ଷୁଦ୍ର ସହର ଏବଂ ଗ୍ରାମାଞ୍ଚଳରୁ ବୃହତ୍ ସହରକୁ ଲୋକମାନଙ୍କ ଆଗମନ ରୋକିବା ନିମନ୍ତେ କ୍ଷୁଦ୍ର ଓ ମଧ୍ୟମ ସହରର ସମନ୍ୱିତ ବିକାଶ କାର୍ଯ୍ୟକ୍ରମ (ଆଇ.ଡି.ଏସ୍.ଏମ୍.ଟି.) ମାଧ୍ୟମରେ ମଧ୍ୟମ ଏବଂ କ୍ଷୁଦ୍ର ସହରଗୁଡ଼ିକର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ ନେଉଛନ୍ତି । ଏହି ଯୋଜନାରେ ରାଜ୍ୟର ୬୫ଟି ସହରକୁ ଅନ୍ତର୍ଭୁକ୍ତ

କରାଯାଇଛି ।

**୨୭.** କ୍ଷମତାର ବିକେନ୍ଦ୍ରୀକରଣ ମାଧ୍ୟମରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ କରାଯାଇ ସେଗୁଡ଼ିକୁ ସ୍ୱୟଂଶାସିତ ସଂସ୍ଥା ରୂପେ ପ୍ରତିଷ୍ଠିତ କରିବା ପାଇଁ ମୋ ସରକାର ଅତ୍ୟନ୍ତ ଆଗ୍ରହୀ । ଲୋକ ପ୍ରତିନିଧିମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମନ୍ତେ ରାଜ୍ୟରେ ଗ୍ରାମ୍‌ସାଟ୍ ଓ ବିଭିନ୍ନ କର୍ମଶାଳା ମାଧ୍ୟମରେ ନିୟମିତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସମସ୍ତ ୩୧୪ଟି ବ୍ଲକ୍ ଓ ୩୦ଟି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହିତ ଭି-ସାଟ୍ ସଂଯୋଗ ସ୍ଥାପନ କରାଯାଇଛି । ହିସାବ ଓ ଯୋଜନା ପରିଚାଳନାର ତଦାରଖ ନିମନ୍ତେ ପ୍ରିୟା ସଫ୍ଟ ଏବଂ ରୁରାଲ୍ ସଫ୍ଟ ପ୍ରଭୃତି ନୂତନ ସଫ୍ଟୱେୟାର ପ୍ରସ୍ତୁତ କରାଯାଇଛି । ୧୯୯୯ର ମହାବାତ୍ୟା ଏବଂ ପ୍ରଳୟଙ୍କରୀ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମାଞ୍ଚଳ ଗରିବ ଲୋକମାନଙ୍କ ପାଇଁ ମୋ ସରକାର ବ୍ୟାପକ ଗୃହ ନିର୍ମାଣ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । କେନ୍ଦ୍ର ସରକାରଙ୍କଠାରୁ ୭ ଲକ୍ଷ ଗୃହ ନିମନ୍ତେ ମିଳିଥିବା ୧୫୧୨ କୋଟି ଟଙ୍କା ଅନୁଦାନରୁ ୧୪୭୭ କୋଟି ଟଙ୍କା ବିନିଯୋଗ କରାଯାଇ ୬ ଲକ୍ଷ ୭୪ ହଜାର ୮୭୫ ଗୋଟି ଗୃହ ନିର୍ମାଣ କରାଯାଇଛି । ୨୦୦୪-୨୦୦୫ ବର୍ଷରେ ଜାନୁଆରୀ ୨୦୦୫ ଶେଷ ସୁଦ୍ଧା ୨୭୭୩୨ଟି ଇନ୍ଦିରା ଆବାସ ଗୃହ ନିର୍ମାଣ କରାଯାଇଛି । ୨୦୦୪-୨୦୦୫ ବର୍ଷର ଡିସେମ୍ବର ମାସ ସୁଦ୍ଧା ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ମାଧ୍ୟମରେ ୧୯୬ କୋଟି ଟଙ୍କା ଏବଂ ୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବିନିଯୋଗ କରାଯାଇ ୩୪୧ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି । ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯେଉଁ ପ୍ରମୁଖ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି, ସେଗୁଡ଼ିକ ହେଲା - ୪.୪୮ ଲକ୍ଷ ମେଟ୍ରିକ୍ ଟନ୍ ଅତିରିକ୍ତ କ୍ଷମତା ସମ୍ପନ୍ନ ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରୀୟ ଗୋଦାମ ଘର, ୩୦୩୬ ଜଳାଶୟ ଏବଂ ୧୪୧୯ କି.ମି. ବିଶିଷ୍ଟ ୮୬୬୭ଟି ସିମେଣ୍ଟ କଂକ୍ରିଟ ରାସ୍ତା । ୨୦୦୪-୨୦୦୫ ବର୍ଷର ଜାନୁଆରୀ ୨୦୦୫ ସୁଦ୍ଧା ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ୪୧୫୩୩ ଜଣ ସ୍ୱରୋଜଗାରୀ ଉପକୃତ ହୋଇଛନ୍ତି । ୨୦୦୪-୨୦୦୫ ଆର୍ଥିକ ବର୍ଷରେ ରାଜ୍ୟର ୧୮ଟି ଜିଲ୍ଲାର ୧୯୯ଟି ବ୍ଲକ୍‌ରେ ଜାତୀୟ 'ଖାଦ୍ୟ ପାଇଁ କାମ' ଯୋଜନା ପ୍ରଚଳନ କରାଯାଇଛି ।

**୨୮.** ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏକ ସୁବ୍ୟବସ୍ଥିତ ଓ ଫଳପ୍ରଦ ଭାବେ କାର୍ଯ୍ୟ କରୁଛି । ସଂପ୍ରତି ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୫,୦୫,୫୦୦ ଦରିଦ୍ରତମ ପରିବାରଙ୍କୁ

କେଜି ପ୍ରତି ୩ ଟଙ୍କା ମୂଲ୍ୟରେ ମାସିକ ୩୫ କେ.ଜି. ଚାଉଳ ଯୋଗାଇ ଦିଆଯାଉଛି । ରାଜ୍ୟର ଆଦିମ ଅଧିବାସୀ ସଂପ୍ରଦାୟ ସମେତ ଏହିଭଳି ଅଧିକ ୪,୯୫,୮୦୦ ପରିବାରକୁ ଏହି ଯୋଜନାରେ ଖୁବ୍ ଶୀଘ୍ର ଅନ୍ତର୍ଭୁକ୍ତ କରାଯିବ । ରାଜ୍ୟ କିମ୍ବା କେନ୍ଦ୍ରର ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଯୋଗ୍ୟତା ସତ୍ତ୍ୱେ ଅନ୍ତର୍ଭୁକ୍ତ ହୋଇ ପାରିନଥିବା ୬୪୮୦୦ ଜଣ ବରିଷ୍ଠ ନାଗରିକଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ମାସିକ ୧୦ କେ.ଜି. ଲେଖାଏଁ ଚାଉଳ ମାଗଣାରେ ଯୋଗାଇ ଦିଆଯାଉଛି ।

ମୋ ସରକାର ଖାଉଟିମାନଙ୍କ ଅଧିକାରର ସୁରକ୍ଷା ନିମନ୍ତେ ଫଳପ୍ରସୂ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଉଦ୍ଦେଶ୍ୟରେ ଏକ ରାଜ୍ୟ ଖାଉଟି ବିବାଦ ପ୍ରତିକାର କମିଶନ ଓ ୩୧ ଗୋଟି ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଫୋରମ ରାଜ୍ୟରେ କାର୍ଯ୍ୟ କରୁଅଛି ।

**୨୯.** ମୋ ସରକାର ରାଜ୍ୟର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ଲୋକମାନଙ୍କର ସର୍ବାଙ୍ଗୀନ ବିକାଶକୁ ଅଗ୍ରାଧିକାର ଦେଉଛନ୍ତି । ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ନିମନ୍ତେ ଆବଶ୍ୟକ ଗୁରୁତ୍ୱ ଦିଆଯାଇଛି । ୨୦୦୪-୨୦୦୫ ବର୍ଷରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଉତ୍ତମ ମାନର ଶିକ୍ଷା ଦେବା ନିମନ୍ତେ ୩ଟି ପର୍ଯ୍ୟାୟରେ ୧୦ ଗୋଟି ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି । ଆଦିମ ଅଧିବାସୀମାନଙ୍କର ଉନ୍ନତି ନିମନ୍ତେ ମୋ ସରକାର ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅଣପାରମ୍ପରିକ ଶକ୍ତି ଉତ୍ସ ଜରିଆରେ ଗୃହକୁ ବିଜୁଳି ଆଲୋକର ସୁବିଧା ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱ ଦେଉଛନ୍ତି । ୨୦୦୪-୨୦୦୫ ବର୍ଷରେ ଆଦିବାସୀ ଯୁବକ/ଯୁବତୀମାନଙ୍କୁ ଆତ୍ମନିଯୁକ୍ତି ମାଧ୍ୟମରେ ରୋଜଗାରକ୍ଷମ କରିବା ନିମନ୍ତେ ମୋ ସରକାର ଧନ୍ଦାମୂଳକ ତାଲିମ ପ୍ରଦାନ ଉପରେ ଜୋର୍ ଦେଉଛନ୍ତି । ଡି.ଏଫ୍.ଆଇ.ଡି-ଆଇ.ଏଫ୍.ଏ.ଡି.-ଡବ୍ଲ୍ୟୁ.ଏଫ୍.ପି.ର ୪୩୦ କୋଟି ଟଙ୍କା ଆର୍ଥିକ ସହାୟତାରେ ମୋ ସରକାର ୨୦୦୪ ମସିହା ଅକ୍ଟୋବର ୨ ତାରିଖ ଦିନ ଓଡ଼ିଶା ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ଜଳଛାୟା ଜରିଆରେ ଆଦିବାସୀମାନଙ୍କୁ ସଶକ୍ତିକରଣ କରିବା, ସେମାନଙ୍କର ଜୀବିକା ଅର୍ଜନ ପାଇଁ ସହାୟତା ଯୋଗାଇବା ଏବଂ ଖାଦ୍ୟ ସୁରକ୍ଷା ଯୋଗାଇ ଦେବା । ପ୍ରଥମ ପର୍ଯ୍ୟାୟରେ କୋରାପୁଟ, କଳାହାଣ୍ଡି, କନ୍ଧମାଳ ଏବଂ ଗଜପତି ଜିଲ୍ଲାର ୧୦ଟି

ବ୍ଲକ୍‌କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଯୋଜନାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଜରିଆରେ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟାବଳୀର ତାଲିକା ଯୋଗାଇ ଦିଆଯାଇଛି । ବର୍ତ୍ତମାନ ଗ୍ରାମଗୁଡ଼ିକରେ ସହଯୋଗଭିତ୍ତିକ ପ୍ରାଥମିକ ସ୍ତରୀୟ ସର୍ବେକ୍ଷଣ କାର୍ଯ୍ୟ ଚାଲୁ ରହିଛି ।

ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକମାନଙ୍କ ଉନ୍ନତି ବିଧାନ ନହେଲେ ରାଜ୍ୟ ବିକାଶ ପଥରେ ଅଗ୍ରସର ହୋଇପାରିବ ନାହିଁ । ଆଦିବାସୀମାନଙ୍କ ଜମିର ବେନିୟମ ହସ୍ତାନ୍ତର ଏବଂ ଆଦିବାସୀ ଅଞ୍ଚଳରେ ସୁଧ ଲଗାଣ ପ୍ରଭୃତି ସମସ୍ୟାକୁ ଦୃଢ଼ତାର ସହିତ ମୁକାବିଲା କରିବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ସେଥିପାଇଁ ଜିଲ୍ଲା ପ୍ରଶାସନକୁ ଆଦିବାସୀ ଅଞ୍ଚଳର ପ୍ରତ୍ୟେକ ଘରକୁ ଯାଇ ଏବଂ କ୍ୟାମ୍ପ କୋର୍ଟ ଆୟୋଜନ କରି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୬୮ଟି ଲଘୁବନଜାତ ଦ୍ରବ୍ୟର ଲାଇସେନ୍ସ ଜଙ୍ଗଲ ଓ ପରିବେଶ ବିଭାଗ ପରିବର୍ତ୍ତେ ଗ୍ରାମପଞ୍ଚାୟତଗୁଡ଼ିକୁ ଏହାର ରେଜିଷ୍ଟ୍ରେସନ ଅଧିକାର ଦିଆଯାଇଛି । ୧୯୮୦ ମସିହା ପୂର୍ବରୁ ଆଦିବାସୀମାନଙ୍କ ଅଧିକୃତ ଜମିଜମାଗୁଡ଼ିକୁ ସର୍ବୋଚ୍ଚ ନ୍ୟାୟାଳୟର ହସ୍ତକ୍ଷେପ ଦ୍ୱାରା ସମାଧାନ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ରାଜ୍ୟର ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ଓ ସଫେଇ କର୍ମଚାରୀମାନଙ୍କର ସାମାଜିକ ତଥା ଅର୍ଥନୈତିକ ଉନ୍ନତି ଆଣିବା ନିମନ୍ତେ ମୋ ସରକାର ବ୍ୟାଙ୍କ ଜରିଆରେ ବିଭିନ୍ନ ପ୍ରକାର ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଏହି ଯୋଜନାଗୁଡ଼ିକ ଓଡ଼ିଶା ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ ଲିଃ ଏବଂ ଓଡ଼ିଶା ପଛୁଆବର୍ଗ ଅର୍ଥ ଓ ଉନ୍ନୟନ ସମବାୟ ନିଗମ ଲିଃ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି ।

**୩୦.** ମୋ ସରକାର ରାଜ୍ୟର ମହିଳା ଓ ଶିଶୁମାନଙ୍କ ବିକାଶ ନିମନ୍ତେ ଦୃଢ଼ ପ୍ରୟାସ ଜାରି ରଖିଛନ୍ତି । ବିଶେଷ କରି ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ପ୍ରାୟ ୩୦ ଲକ୍ଷ ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୂତି ମହିଳାମାନଙ୍କର ଉନ୍ନତି ବିଧାନ କରାଯାଉଛି । ମୟୂରଭଞ୍ଜ, କଳାହାଣ୍ଡି, ମାଲକାନଗିରି ଏବଂ ଢେଙ୍କାନାଳ ଜିଲ୍ଲାରେ ଶିଶୁମାନଙ୍କର ପୁଷ୍ଟିହୀନତା ଦୂର

କରିବା ପାଇଁ 'ପଜିଟିଭ୍ ଡେଭିଆନ୍ସ ଆପ୍ରୋଚ' (ଆମେ ବି ପାରିବୁ) ନାମରେ ଏକ ଯୋଜନା ହାତକୁ ନିଆଯାଇଛି । ୧୧ରୁ ୧୮ ବର୍ଷ ବୟସର ବାଳିକାମାନଙ୍କର ସାମୂହିକ ଉନ୍ନତି ପାଇଁ ଉଦ୍ଦିଷ୍ଟ 'କିଶୋରୀ ଶକ୍ତି' ଯୋଜନାକୁ ରାଜ୍ୟର ସମସ୍ତ ୩୨୬ ଗୋଟି 'ସମନ୍ୱିତ ଶିଶୁ ବିକାଶ' ପ୍ରକଳ୍ପରେ ସାମିଲ କରାଯାଇଛି । କେ.ବି.କେ. ଜିଲ୍ଲାରେ ସଂଶୋଧିତ ଦୀର୍ଘମିଆଦୀ କାର୍ଯ୍ୟକାରୀ ଯୋଜନା ମାଧ୍ୟମରେ ପୁଷ୍ଟିହୀନତା ଓ ଶିଶୁ ମୃତ୍ୟୁହାର ହ୍ରାସ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରାଯିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲରେ ପୁଷ୍ଟିକର ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି । ବୃଦ୍ଧ, ଅକ୍ଷମ ଓ ନିଃସ୍ୱ ତଥା ନିରାଶ୍ରୟ ବ୍ୟକ୍ତିମାନଙ୍କ ନିମନ୍ତେ ଜରୁରୀକାଳୀନ ଖାଦ୍ୟ ଯୋଜନା ବ୍ୟବସ୍ଥା ଚାଲୁ ରହିଛି ।

୨୦୦୪-୨୦୦୫ ବର୍ଷରେ ୩୫୦୦୦ ହିତାଧିକାରୀଙ୍କୁ ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଫଳରେ ସେମାନଙ୍କର ସଂଖ୍ୟା ୬,୭୫,୦୦୦କୁ ବୃଦ୍ଧି ପାଇଛି । ଏତଦ୍‌ବ୍ୟତୀତ ୪ ଲକ୍ଷ ୯୩ ହଜାର ୪୦୦ ହିତାଧିକାରୀଙ୍କୁ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପେନସନ ଯୋଜନାରେ ସହାୟତା ଯୋଗାଇ ଦିଆଯାଇଛି । ଜାତୀୟ ପରିବାର ହିତ ଯୋଜନା ଓ ବାଳିକା ସମୃଦ୍ଧି ଯୋଜନା ପରି ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି ।

ମହିଳା ସଶକ୍ତିକରଣ ନିମନ୍ତେ ରାଜ୍ୟରେ ଗଠିତ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସୁଦୃଢ଼ୀକରଣ ଏବଂ ଗୋଷ୍ଠୀ ଗଠନକୁ ଉତ୍ସାହିତ କରିବା ପାଇଁ ୨୦୦୧ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ମିଶନ ଶକ୍ତି' ନାମରେ ଏକ ସ୍ୱୟଂ ସହାୟକ ଯୋଜନା ଆରମ୍ଭ କରାଯାଇଛି । ରାଜ୍ୟର ସମସ୍ତ ଜିଲ୍ଲାରେ ଏପର୍ଯ୍ୟନ୍ତ ୧,୩୯,୦୫୯ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଏହି ଗୋଷ୍ଠୀ ଦ୍ୱାରା କିରୋସିନ୍ ଡିଲର୍‌ସିପ୍,

ଶ୍ରମଭିତ୍ତିକ କାର୍ଯ୍ୟ, ମତ୍ସ୍ୟ ଚାଷ, କୁକୁଡ଼ା ପାଳନ ଓ ଅନ୍ୟାନ୍ୟ ଅର୍ଥନୈତିକ କାର୍ଯ୍ୟକ୍ରମ କରାଯାଉଛି । ୯୭,୩୫୮ଟି ଗୋଷ୍ଠୀଙ୍କୁ ୨୧୨.୭୫ କୋଟି ଟଙ୍କା ଋଣ ସହାୟତା ଯୋଗାଇ ଦିଆଯାଇଛି । ଓଡ଼ିଶା ଯୌତୁକ ନିରୋଧ ନିୟମାବଳୀ ପ୍ରଣୟନ କରାଯାଇଛି ଏବଂ ରାଜ୍ୟର ସମସ୍ତ ସବ୍‌ଡିଭିଜନରେ ଯୌତୁକ ନିରୋଧ ବୋର୍ଡ଼ କାର୍ଯ୍ୟ କରୁଅଛି । ରାଜ୍ୟର ୯ଟି ଜିଲ୍ଲା (୮ଟି କେ.ବି.କେ. ଜିଲ୍ଲା ଓ ବୌଦ୍ଧ)ର ୩୬ଟି ବ୍ଲକ୍‌ରେ ମହିଳାମାନଙ୍କୁ ଅଧିକ କ୍ଷମତା ଦେବା ପାଇଁ କେନ୍ଦ୍ରୀୟ ସହାୟତାରେ 'ସ୍ୱୟଂସିଦ୍ଧା ଯୋଜନା' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନାରେ କାର୍ଯ୍ୟକାରୀ ହେଉଅଛି । ମୋ ସରକାର ରାଜ୍ୟର ୨୮ଟି ଜିଲ୍ଲାରେ ଅନାଥ ଏବଂ ନିରାଶ୍ରୟ ଶିଶୁମାନଙ୍କର କଲ୍ୟାଣ ନିମନ୍ତେ ଯୋଜନାମାନ କାର୍ଯ୍ୟକାରୀ କରିଛନ୍ତି ଏବଂ ଏହି ଯୋଜନା ମାଧ୍ୟମରେ ୫,୬୦୩ ଜଣ ପିଲା ୮୫ଟି ଅନାଥାଶ୍ରମରେ ପାଳିତ ହେଉଛନ୍ତି । ସମଗ୍ର ରାଜ୍ୟରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସାହାଯ୍ୟ ଏବଂ ଆନୁଷଙ୍ଗିକ ଉପକରଣମାନ ଯୋଗାଇ ଦିଆଯାଇଛି । ଓଡ଼ିଶା ଭିନ୍ନକ୍ଷମ ପେନସନ ଯୋଜନା ମାଧ୍ୟମରେ ମୋ ସରକାର ହିତାଧିକାରୀଙ୍କ ସଂଖ୍ୟା ୧ ଲକ୍ଷ ୧୫ ହଜାରକୁ ବୃଦ୍ଧି କରିଛନ୍ତି ।

**୩୧.** ମୋ ସରକାର ଶ୍ରମଜୀବୀମାନଙ୍କ କଲ୍ୟାଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ସାମାଜିକ ନିରାପତ୍ତା ସଶକ୍ତିକରଣ ବିଧେୟକକୁ ଗୁରୁତ୍ୱ ଦିଆଯାଉଛି । ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ ଶିଶୁ ଶ୍ରମିକମାନଙ୍କୁ ମୁକ୍ତ କରାଯାଇଛି ଏବଂ ରାଜ୍ୟର ୧୮ଟି କେନ୍ଦ୍ରରେ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଯୋଜନା ମାଧ୍ୟମରେ ଶିକ୍ଷା ଓ ଧନ୍ଦାମୂଳକ ତାଲିମ ଦେବା ପାଇଁ ନାମ ଲେଖା ଯାଇଅଛି । ୨୦୦୪ ଡିସେମ୍ବର ଶେଷ ସୁଦ୍ଧା ୩୫,୧୩୩ ଜଣ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରାଯାଇଛି । ଶିଳ୍ପ ଶ୍ରମିକ ଏବଂ ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ଇ.ଏସ୍.ଆଇ. ହସ୍‌ପିଟାଲ ଓ ଡିସ୍‌ପେନ୍‌ସାରି ମାଧ୍ୟମରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ।

**୩୨.** ମୋ ସରକାର ଉତ୍ତରଦାୟୀ ଓ ଲୋକାଭିମୁଖୀ ପ୍ରଶାସନ ଯୋଗାଇ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଏବଂ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଏବଂ ପେନସନ ମାମଲାର ଶୁଣାଣି ଏବଂ ସେଗୁଡ଼ିକର ତୁରନ୍ତ ଫଇସଲା ନିମନ୍ତେ ବ୍ୟବସ୍ଥା କରିଛନ୍ତି । ସାଧାରଣ ଜନତାଙ୍କର ଆପତ୍ତି, ଅଭିଯୋଗଗୁଡ଼ିକର ପ୍ରତିକାର ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ ପ୍ରକୋଷ୍ଠ ଫଳପ୍ରଦ

ଭାବେ କାର୍ଯ୍ୟ କରୁଛି । ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ଗରିବ ଲୋକଙ୍କର ଗୁରୁତର ରୋଗ ଯଥା- ହାର୍ଟ ସର୍ଜରୀ, ବୃକ୍କ ପ୍ରତିରୋପଣ ଏବଂ କର୍କଟ ରୋଗର ଚିକିତ୍ସା ନିମନ୍ତେ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି । ୨୦୦୪-୨୦୦୫ ଆର୍ଥିକ ବର୍ଷର ୨୦୦୪ ଡିସେମ୍ବର ସୁଦ୍ଧା ୧୪୧୨ ଜଣ ଲୋକଙ୍କୁ ୧ କୋଟି ୩୯ ଲକ୍ଷ ୧୯ ହଜାର ୫୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫାଣ୍ଡିରୁ ପ୍ରଦାନ କରାଯାଇଛି ।

ଶାସନର ପ୍ରତ୍ୟେକ ସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିଙ୍କର ଦୁର୍ନୀତି ଏବଂ ଅନୁଚିତ କାର୍ଯ୍ୟକଳାପ ଦେଖିବା ନିମନ୍ତେ ଲୋକପାଳ ସଂସ୍ଥା ଗଠନ କରାଯାଇଛି । ଓଡ଼ିଶାରେ ଏହି ସମୟ ମଧ୍ୟରେ ୪୦୪ଟି କେସ୍ ଫଇସଲା କରାଯାଇଛି । ଏହି କାର୍ଯ୍ୟକ୍ରମ ୨୦୦୫-୨୦୦୬ ବର୍ଷରେ ଚାଲୁ ରହିବ । ପ୍ରଶାସନରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଦୁର୍ନୀତି ନିବାରଣ ବିଭାଗ ସକ୍ରିୟ ଭାବେ ବିଭିନ୍ନ ସରକାରୀ କର୍ମଚାରୀ ବିରୁଦ୍ଧରେ ଥିବା ଦୁର୍ନୀତିର ଅନୁସନ୍ଧାନ କରୁଛନ୍ତି । ଚଳିତ ୨୦୦୪-୨୦୦୫ ବର୍ଷରେ ୬୫୦ ଜଣଙ୍କ ବିରୁଦ୍ଧରେ ୨୮୫ଟି ଫୌଜଦାରୀ ମାମଲା ରୁଜୁ କରାଯାଇଛି । ସେଥିମଧ୍ୟରୁ ୬୯ ଜଣ ଗ୍ରୁପ୍ 'ଏ' ଏବଂ ୧୦୨ ଜଣ ଗ୍ରୁପ୍ 'ବି'ର ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ୨୦୧ଟି କେସ୍‌ର ଚାର୍ଜସିଟ୍ ବିଚାରାଳୟକୁ ପଠାଯାଇଛି ।

**୩୩.** ସମ୍ପୂର୍ଣ୍ଣ କେନ୍ଦ୍ରୀୟ ସହାୟତାରେ ମୋ ସରକାର ରାଜ୍ୟରେ ସମସ୍ତ ତହସିଲକୁ କମ୍ପ୍ୟୁଟରୀକରଣ କରିବା ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିନିମନ୍ତେ କେନ୍ଦ୍ର ସରକାର ୨୯.୮୭ କୋଟି ଟଙ୍କା ପ୍ରଦାନ କରିଛନ୍ତି । ସେଥିମଧ୍ୟରୁ ୨୨.୫୭ କୋଟି ଟଙ୍କା ବ୍ୟୟ କରାଯାଇ ୧୪୨ଟି ତହସିଲକୁ କମ୍ପ୍ୟୁଟରୀକରଣ କରାଯାଇଛି । ବାକି ରହିଥିବା ତହସିଲଗୁଡ଼ିକୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ କମ୍ପ୍ୟୁଟରୀକରଣ କରାଯିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ୬ଟି ତହସିଲରେ ଭୂ-ସମ୍ପତ୍ତି ସମ୍ବନ୍ଧୀୟ ସର୍ଭେ ମ୍ୟାପ୍‌ର କମ୍ପ୍ୟୁଟରୀକରଣ କାର୍ଯ୍ୟ ମୋ ସରକାର ହାତକୁ ନେଇଛନ୍ତି ।

ରାଜ୍ୟର ସମସ୍ତ ତହସିଲରେ ମ୍ୟାପ୍ କମ୍ପ୍ୟୁଟରୀକରଣ ପୁନଃସର୍ବେକ୍ଷଣ ଏବଂ ଆଧୁନିକ

ସର୍ଭେ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ତଥା ସଠିକ୍ ମ୍ୟାପ୍ ପ୍ରସ୍ତୁତି, ସଂପୂର୍ଣ୍ଣ ସର୍ବେକ୍ଷଣ, ସର୍ବେକ୍ଷଣ ହୋଇନଥିବା ଅଞ୍ଚଳରେ ବନ୍ଦୋବସ୍ତ କାର୍ଯ୍ୟ, ଜମି ସଂକ୍ରାନ୍ତୀୟ ପାଶବୁକ୍ ପ୍ରଦାନ ଏବଂ 'ବାସଗୃହ ସଂଲଗ୍ନ ବଗିଚା' କୃଷି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଯାଇଛି । ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଗୃହୀତ ହୋଇଛି ଏବଂ ଏଥିପାଇଁ ଆବଶ୍ୟକୀୟ ପାଣ୍ଠି ଅର୍ଥ ପ୍ରଦାନକାରୀ ସଂସ୍ଥା ମାଧ୍ୟମରେ ବ୍ୟବସ୍ଥା କରାଯାଉଛି । ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ଯେଉଁସବୁ କାର୍ଯ୍ୟକ୍ରମ ରହିଛି, ମୋ ସରକାର ସେଗୁଡ଼ିକୁ ଦୃଢ଼ତାର ସହିତ ଆଗେଇ ନେବା ପାଇଁ ବଦ୍ଧପରିକର । ୨୦୦୪-୨୦୦୫ ବର୍ଷର ନଭେମ୍ବର ଶେଷ ସୁଦ୍ଧା ୧୩୨.୩୯ ଏକର ସରକାରୀ ପତିତ ଜମିକୁ ୩୭୭୩ ଘରଡିହ ନଥିବା ପରିବାର ମଧ୍ୟରେ ବଣ୍ଟନ, ୧୧୦୮.୧୩୯ ଏକର ପତିତ ଜମି ୧୩୭୮ଟି ଭୂମିହୀନ ପରିବାରକୁ ଏବଂ ୧୬୫.୨୧ ଏକର ସିଲିଂ ବହିର୍ଭୂତ ଜମିକୁ ଭୂମିହୀନ ପରିବାରକୁ ଦିଆଯାଇଛି । ୨୦୦୪-୨୦୦୫ ବର୍ଷ ନଭେମ୍ବର ଶେଷ ସୁଦ୍ଧା ୧୯୫୬ ମସିହାର ରେଗୁଲେସନ-୨ ଅନୁଯାୟୀ ରାଜ୍ୟର ଅନୁସୂଚିତ ଅଞ୍ଚଳରେ ୧୪୯୪ ଆଦିବାସୀ ପରିବାରଙ୍କୁ ୨୪୧୩ ଏକର ଜମି ଫେରସ୍ତ କରାଯାଇଛି ।

**୩୪.** ମୋ ସରକାର 'ସମସ୍ତଙ୍କୁ ନ୍ୟାୟ' ପ୍ରଦାନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଯେଉଁ ନାଗରିକମାନେ ଅମାନୁଷିକ ବ୍ୟବହାରର ଶୀକାର ହେଉଛନ୍ତି, ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଓ ନ୍ୟାୟ ପ୍ରଦାନ ନିମନ୍ତେ ରାଜ୍ୟ ମାନବ ଅଧିକାର କମିଶନ ତା.୧୧.୭.୦୩ରୁ ଗଠିତ ହୋଇଅଛି । ଉପଯୁକ୍ତ ନ୍ୟାୟ ପ୍ରଦାନ ଏବଂ ବିଚାରାଧୀନ ମାମଲାଗୁଡ଼ିକର ତୁରନ୍ତ ଶୁଣାଣି ନିମନ୍ତେ ମୋ ସରକାର ୨୦୦୪-୨୦୦୫ ବର୍ଷରେ ୫୪ ଜଣ ବ୍ୟକ୍ତିଙ୍କୁ ସିଭିଲ ଜଜ୍ (ଜୁନିଅର ଡିଭିଜନ) ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି । ୨୦୦୪-୨୦୦୫ ବର୍ଷରେ ୪୪୦ଟି ଲୋକ ଅଦାଲତ ମାଧ୍ୟମରେ ୯୬ ହଜାର ୧୩୩ଟି ମୋକଦ୍ଦମା ଫଇସଲା ହୋଇଅଛି ।

ରାଜ୍ୟରେ ମାମଲାଗୁଡ଼ିକର ତୁରନ୍ତ ଫଇସଲା ନିମନ୍ତେ ଅତିରିକ୍ତ ଫୋରମ୍ ସ୍ୱରୂପ ଉଚ୍ଚ ନ୍ୟାୟାଳୟର ଆଇନ ସେବା କମିଟି ଏବଂ ୩୦ଟି ଜିଲ୍ଲାରେ ସ୍ଥାୟୀ ତଥା କ୍ରମାଗତ ଲୋକ ଅଦାଲତ ସମେତ ପରାମର୍ଶ ଏବଂ ଆପୋଷ ମିଳାମିଶା କେନ୍ଦ୍ରମାନ ପ୍ରତିଷ୍ଠା

କରାଯାଇଛି । ଏହାଫଳରେ ୨୦୦୪-୨୦୦୫ ବର୍ଷରେ ବିଭିନ୍ନ ନ୍ୟାୟାଳୟରେ ପଡ଼ି ରହିଥିବା ମାମଲା ମଧ୍ୟରୁ ୬୫୭ଟି ମାମଲା ଫଇସଲା କରାଯାଇଛି । ମୋ ସରକାର ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ଫଇସଲା ନିମନ୍ତେ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା ଦ୍ୱାରା ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ୪୧ଟି ଫାଷ୍ଟଟ୍ରାକ୍ କୋର୍ଟ କାର୍ଯ୍ୟକ୍ଷମ ହୋଇଛି ଏବଂ ତା.୩୧.୮.୨୦୦୪ ସୁଦ୍ଧା ଏହି କୋର୍ଟ ମାଧ୍ୟମରେ ୧୯୯୪୭ ଗୋଟି ବାକି ପଡ଼ିଥିବା ମାମଲାର ଫଇସଲା କରାଯାଇଛି । ୨୦୦୩-୨୦୦୬ ବର୍ଷ ମଧ୍ୟରେ ଦୁର୍ନୀତି ନିବାରଣ ଆଇନ ସଂକ୍ରାନ୍ତୀୟ ମାମଲାଗୁଡ଼ିକର ବିଚାର ନିମନ୍ତେ ୮ଟି ସ୍ୱତନ୍ତ୍ର (ଭିଜିଲାନ୍ସ) କୋର୍ଟ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୨୦୦୪-୨୦୦୫ ବର୍ଷରେ କଟକ ଏବଂ ବାଲେଶ୍ୱରଠାରେ ୨ଟି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯିବ । ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଆଇନ ସହାୟତା ଯୋଗାଇ ଦିଆଯାଉଛି । ଆଇନ ସେବା କାର୍ଯ୍ୟକ୍ରମକୁ ଅଧିକ ଫଳପ୍ରଦ କରିବା ପାଇଁ ସ୍ଥାୟୀ ଲୋକ ଅଦାଲତ, ଜେଲମାନଙ୍କରେ ଆଇନ ସହାୟତା ସେଲ୍ ପ୍ରତିଷ୍ଠା ଏବଂ ସରକାରଙ୍କ ପ୍ରତ୍ୟେକ ବିଭାଗରେ ପୃଥକ୍ ଭାବେ ଲୋକ ଅଦାଲତ ପ୍ରତିଷ୍ଠା ନିମନ୍ତେ ଏକ ପ୍ରସ୍ତାବ ମୋ ସରକାରଙ୍କର ସକ୍ରିୟ ବିଚାରାଧୀନ ରହିଛି ।

**୩୫.** ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ଦିଗରେ ମୋ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୦୪ରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଆୟତାଧୀନ ରହିଛି । ଆଇନ ଶୃଙ୍ଖଳା ସମସ୍ୟାକୁ ଉପଯୁକ୍ତ ଭାବେ ପରିଚାଳନା କରାଯାଉଛି । ଏପ୍ରିଲ ୨୦୦୪ ପରେ ବିଶେଷ କିଛି ନକ୍ସଲବାଦୀ ହିଂସାକାଣ୍ଡ ଘଟି ନାହିଁ । ଆଦିବାସୀମାନଙ୍କ ବିରୁଦ୍ଧରେ ଥିବା ୨୫୩୧ଟି ପୋଲିସ କେସ୍ ଏବଂ ୧୧,୪୨୪ଟି ଜଙ୍ଗଲ ଓ ଅବକାରୀ ଆଇନ ସଂକ୍ରାନ୍ତୀୟ କେସ୍‌କୁ ରାଜ୍ୟ ସରକାର ପ୍ରତ୍ୟାହାର କରି ନେଇଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ୨୦୦୪-୨୦୦୫ ବର୍ଷରେ ୨ଟି ଓଡ଼ିଶା ବିପର୍ଯ୍ୟୟ ଉଦ୍ଧାର ସହାୟତା ବାହିନୀ (ଓଡ଼ିଶା ଡିଜାଷ୍ଟର ରେସକ୍ୟୁ ଆସିଷ୍ଟାନସ୍ ଫୋର୍ସ) ଗଠନ କରାଯାଇଛି । ସନ୍ତ୍ରାସବାଦ ଏବଂ ଆତଙ୍କବାଦ କାର୍ଯ୍ୟକଳାପର ମୁକାବିଲା ପାଇଁ ଗୋଟିଏ ସ୍ୱତନ୍ତ୍ର ଗୋଇନ୍ଦା ଶାଖା ଏବଂ

ଗୋଟିଏ ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ ସୃଷ୍ଟି କରାଯାଇଛି । ନକ୍ସଲବାଦୀ ସମସ୍ୟାର ମୁକାବିଲା ପାଇଁ ୨୦୦୫-୨୦୦୬ ବର୍ଷରେ ଦ୍ୱିତୀୟ ଇଣ୍ଡିଆ ରିଜର୍ଭ ବାଟାଲିୟନ୍ ପ୍ରତିଷ୍ଠା କରାଯିବ । ମୋ ସରକାର ୨୦୦୪-୨୦୦୫ ବର୍ଷରେ କାରାଗାରଗୁଡ଼ିକର ଭିତ୍ତିଭୂମିର ଉନ୍ନତି ନିମନ୍ତେ ୨୧.୪୭ କୋଟି ଟଙ୍କା ପ୍ରଦାନ କରିଛନ୍ତି ।

**୩୬.** ଏହି ମହାନ୍ ଗୃହର ଚଳିତ ଅଧିବେଶନରେ ଆପଣମାନଙ୍କୁ ସମ୍ବୋଧନ କରି ମୁଁ ନିଜକୁ ଅତ୍ୟନ୍ତ ଗୌରବାନ୍ୱିତ ମନେ କରୁଛି । ସାଧାରଣ କାର୍ଯ୍ୟକ୍ରମ ଭିତ୍ତିରେ ମୋ ସରକାରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେବା ପାଇଁ ଏହା ମୋତେ ସୁଯୋଗ ଆଣି ଦେଇଛି । ଆର୍ଥିକ ଦୁରବସ୍ଥା ସତ୍ତ୍ୱେ ମୋ ସରକାର ରାଜ୍ୟର ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ସମସ୍ତ କାର୍ଯ୍ୟକ୍ରମ ଓ ପ୍ରତିଶ୍ରୁତି ପାଳନ କରିବା ପାଇଁ ସଂକଳ୍ପବଦ୍ଧ । ନୂତନ ଉତ୍ସାହ ଓ ଉଦ୍ଦୀପନା ସହ ରାଜ୍ୟର ଦ୍ରୁତ ପ୍ରଗତି ପାଇଁ ମୋ ସରକାର ବିଶେଷ ଆଗ୍ରହୀ । ଏହି ଲକ୍ଷ୍ୟ ହାସଲ ନିମନ୍ତେ ସବୁସ୍ତରର ଲୋକମାନଙ୍କର ନିରବଚ୍ଛିନ୍ନ ସହଯୋଗ ଏବଂ ଅଧିକ କର୍ତ୍ତବ୍ୟ ନିଷ୍ଠାର ଆବଶ୍ୟକତା ରହିଛି । ରାଜ୍ୟର ସାମୂହିକ ଉନ୍ନତି ତଥା ପ୍ରଗତିଶୀଳ କାର୍ଯ୍ୟକ୍ରମ ପାଇଁ ଏହି ପବିତ୍ର ଗୃହର ମାନ୍ୟବର ସଦସ୍ୟବୃନ୍ଦ ସେମାନଙ୍କର ପୂର୍ଣ୍ଣ ସହଯୋଗ ଏବଂ ସମର୍ଥନ ଯୋଗାଇ ଦେବେ ବୋଲି ମୁଁ ଆଶା କରୁଛି ।

ଶେଷରେ ଆପଣମାନଙ୍କୁ ବିଚାର ଆଲୋଚନା ନିମନ୍ତେ ସୁଯୋଗ ଦେବା ସହିତ ଆପଣମାନଙ୍କର ସାଫଲ୍ୟ କାମନା କରୁଛି ।

**ଜୟହିନ୍ଦ୍**